

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୮ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 MAY 2021

Vol.No. 32 ■ No. 135 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଜି ଓଡିଶା ଆସିବେ ପ୍ରଧାନମନ୍ତ୍ରୀ

## ବାତ୍ୟା କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିବେ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି (ଶୁକ୍ରବାର) ଓଡିଶା ଗସ୍ତରେ ଆସିବେ। ବାତ୍ୟା କ୍ଷୟକ୍ଷତିର ସମୀକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଓଡିଶା ଆସି ଆକାଶ ମାର୍ଗରୁ କ୍ଷତିଗ୍ରସ୍ତ ଅଂଚଳ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ପ୍ରଥମେ ଭୁବନେଶ୍ୱରରେ ପହଂଚି ସମୀକ୍ଷା କରିବେ। ପରେ ଆକାଶ ମାର୍ଗରୁ ସାମୁଦ୍ରିକ ବାତ୍ୟା ୟାସ୍ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଂଚଳ ପରିଦର୍ଶନ କରିବେ । ପ୍ରଧାନମନ୍ତ୍ରୀ ଓଡିଶା ସମେତ ପଶ୍ଚିମବଙ୍ଗର ମେଦିନିପୁର ଅଂଚଳ ମଧ୍ୟ ବୁଲି ଦେଖିବେ ଏବଂ ସେଠାରେ ସମୀକ୍ଷା ବୈଠକରେ ଯୋଗ ଦେବେ। ଏହା ପରେ ଦୁଇ ରାଜ୍ୟ ପାଇଁ ପ୍ୟାକେଜ ଘୋଷଣା କରିବେ ପ୍ରଧାନମନ୍ତ୍ରୀ। ବାତ୍ୟା ପ୍ରତି କେନ୍ଦ୍ର ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ବାତ୍ୟା ୟାସ୍ ଲ୍ୟାଣ୍ଡଫଲ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିବମଙ୍ଗ ଓ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଥିଲେ। ବାତ୍ୟାର ମୁକାବିଲା କେମିତି କରାଯାଉଛି, ତାହା ଉପରେ ପ୍ରଧାନମନ୍ତ୍ରୀ ସମୀକ୍ଷା କରିଥିଲେ। ପରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମୀତ



ଶାହ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀଙ୍କ ସହିତ ବାତ୍ୟା ମୁକାବିଲା ନେଇ ଆଲୋଚନା କରିଥିଲେ। ବାତ୍ୟା ପରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଦୁଇ ରାଜ୍ୟର ପ୍ରଭାବିତ ଅଞ୍ଚଳକୁ ଆକାଶ ମାର୍ଗରୁ ଦେଖିବେ। ତା'ପରେ ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ପୁନରୁଦ୍ଧାର ସମୀକ୍ଷା

- ୭ ଦିନ ମଧ୍ୟରେ ଘରଭଙ୍ଗା କ୍ଷତିର ଆକଳନ କରିବାକୁ ନିର୍ଦ୍ଦେଶ
- ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ



ଭୁବନେଶ୍ୱର,୨୭/୦୫ (ନି.ପ୍ର): ୭ ଦିନ ମଧ୍ୟରେ ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡିକରେ ଭାଙ୍ଗି ଯାଇଥିବା ଘର ଗୁଡିକ ସଂପର୍କରେ ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୈତରଣୀ ନଦୀର ତଳ ଅଂଚଳରେ ବନ୍ୟା ଆସିବାର ସମ୍ଭାବନା ଥିବାରୁ ପ୍ରଶାସନ ସତର୍କ ଦୃଷ୍ଟି ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସଂଧ୍ୟାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାତ୍ୟା ୟାସର ପରବର୍ତ୍ତୀ ପୁନର୍ଗଠନ ଓ ପୁନରୁଦ୍ଧାର କାର୍ଯ୍ୟ ସଂପର୍କରେ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ରିଲିଫ, ପୁନର୍ଗଠନ ଓ ପୁନରୁଦ୍ଧାର ପ୍ରକ୍ରିୟା ଉପରେ ସମସ୍ତ ଧ୍ୟାନ କେନ୍ଦ୍ରୀତ କରିବାକୁ ପଡିବ । କ୍ଷତିଗ୍ରସ୍ତ ଜଳମଗ୍ନ ଅଂଚଳରେ ୭ ଦିନ ପାଇଁ ରିଲିଫ ଘୋଷଣା କରାଯାଇଛି ବୋଲି ପ୍ରକାଶ କରି ସମସ୍ତ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ପ୍ରକ୍ରିୟା ଖୁବଶୀଘ୍ର ସ୍ୱାଭାବିକ କରିବା ପାଇଁ ପରାମର୍ଶ ଦେଇ ଆଜି ସଂଧ୍ୟା ସୁଦ୍ଧା ସମସ୍ତ ମୁଖ୍ୟ ସଡକ ଗୁଡିକ ଯାନବାହାନ ଚଳାଚଳ ପାଇଁ ଅବରୋଧମୁକ୍ତ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ। ବାତ୍ୟା ୟଶର ପରିଚାଳନାରେ ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ବାତ୍ୟା ପ୍ରଭାବିତ ଜିଲ୍ଲାଗୁଡିକର ସମସ୍ତ ଜନସାଧାରଣ, ନାଗରିକ ସଂଗଠନ ▶▶ପୃଷ୍ଠା ୭

## ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ବାତ୍ୟା ୟାସ୍ କ୍ରମଶଃ ଦୁର୍ବଳ ହୋଇ ଡିପ୍ରେସନ୍ ରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଦକ୍ଷିଣ ଝାଡଖଣ୍ଡରେ ଘଂଟା ପ୍ରତି ୯ କିମି ବେଗରେ ଗତି କରୁଛି। ଆସନ୍ତା ୧୨ ଘଂଟା ମଧ୍ୟରେ ଏହା ଦକ୍ଷିଣ ଦିଗକୁ ଗତି କରି ୱେଲମାର୍କଡ୍ ଲୋ ପ୍ରେସରରେ ପରିଣତ ହେବ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅପରପକ୍ଷରେ ବାତ୍ୟା ଛାଡିବା ପରେ ଓଡିଶାର ବିଭିନ୍ନ ଜିଲ୍ଲାରେ ପାଗ ମେଘୁଆ ରହିଛି। କିଛି ଅଂଚଳରେ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ , ଦେବଗଡ, କେନ୍ଦୁଝର, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

# ବିପଦ ସଙ୍କେତ ଉପରେ ବୈତରଣୀ

## ଯାଜପୁର, ଭଦ୍ରକ, କେନ୍ଦୁଝର ଓ କେନ୍ଦ୍ରାପଡାରେ ସତର୍କତା

ଭୁବନେଶ୍ୱର,୨୭/୦୫(ନି.ପ୍ର): ବାତ୍ୟା ସରିଲା । କିନ୍ତୁ ପ୍ରବଳ ବର୍ଷାରେ ଫୁଲୁଛି ନଦୀ । ବୈତରଣୀରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା ରହିଛି । ପ୍ରଭାବିତ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବାରୁ ଏଭଳି ମଧ୍ୟମ ଧରଣର ବନ୍ୟା ଆଶଙ୍କା କରାଯାଉଛି । ବାତ୍ୟା ପ୍ରଭାବରେ ୧୪୬ଟି ବ୍ଲକରେ ସର୍ବାଧିକ ବର୍ଷା ହୋଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଆଖୁଆପଦା ଓ ଆନନ୍ଦପୁରଠାରେ ଆଖୁଆପଦା ଓ ଆନନ୍ଦପୁରରେ ବିପଦସଙ୍କେତ ଉପରେ ଜଳସ୍ତର ପ୍ରବାହିତ ହେଉଛି । ଏଥିପାଇଁ ଯାଜପୁର, ଭଦ୍ରକ, କେନ୍ଦୁଝର ଓ କେନ୍ଦ୍ରପଡାକୁ ସତର୍କ କରାଯାଇଛି । ତଳିଆ ଅଂଚଳର ୭ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ।



ବାଲେଶ୍ୱରରେ ସର୍ବାଧିକ ସ୍ଥାନାନ୍ତର ହୋଇଛନ୍ତି । ତେବେ ଜଳସମ୍ପଦ ବିଭାଗ ଆକଳନ କରିଛି, ଆଖୁଆପଦା ଠାରେ ଆଗକୁ ଜଳସ୍ତର ବଢିବ । ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖାରେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି ଜଳ । ସାଳନ୍ଦୀ ନଦୀରେ ବି ଜଳସ୍ତର କମ ରହିଛି । ସମୁଦ୍ର ଜୁଆର ପାଣି ଓ ପବନ ମାଡ଼ ହେବା ଦ୍ୱାରା ଆମର ଅନେକ ଲୁଣା ବନ୍ଧ ଡ୍ୟାମେଜ ହୋଇଛି । କେନ୍ଦ୍ରାପଡ଼ା, ବାଲିଆପାଳ ଭଳି ଜାଗାରେ ଲୁଣା ବନ୍ଧ ଅଧିକ ମାତ୍ରାରେ ନଷ୍ଟ ହୋଇଛି । ତାର ଆକଳନ କରାଯାଉଛି । ଭଣ୍ଡାରୀପୋଖରୀ ଧାମନଗର ବ୍ଲକର ତଳିଆ ଅଂଚଳରେ ରହୁଥିବା ଲୋକଙ୍କୁ ସତର୍କ ସୂଚନା ଦିଆଯାଇଛି । ସେମାନଙ୍କୁ ବନ୍ୟା ଆଶ୍ରୟସ୍ଥଳକୁ ଯିବାକୁ କୁହାଯାଇଛି ।

# ଜୁନ୍ ଦ୍ୱିତୀୟ ସପ୍ତାହରେ ଭାରତରେ ଉପଲବ୍ଧ ହେବ ସ୍ପୁଟନିକ-ଭି ଟିକା

ନୂଆଦିଲ୍ଲୀ,୨୭/୦୫: କରୋନା ମହାମାରୀ ବିରୋଧରେ ଚାଲିଥିବା ଲଢେଇରେ ଏବେ ଭାରତରେ ପୁଣି ଏକ ଭ୍ୟାକ୍ସିନ ଉପଲବ୍ଧ ହେବ । ଋଷ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କୋଭିଡ ଟିକା ସ୍ପୁଟନିକ୍ – ଭି ଭାରତରେ ଜୁନ୍ ଦ୍ୱିତୀୟ ସପ୍ତାହରୁ ଉପଲବ୍ଧ ହେବ ବୋଲି କୁହାଯାଇଛି । ଆରମ୍ଭରୁ ଏହି ଭ୍ୟାକ୍ସିନ ଆପୋଲ ହସ୍ପିଟାଲ ମାଧ୍ୟମରେ ଉପଲବ୍ଧ ହେବ ବୋଲି ଆପୋଲ ହସ୍ପିଟାଲର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଶୋଭନା କମିନେନୀ ସୂଚନା ଦେଇଛନ୍ତି । ଆପଣଙ୍କୁ କହିରଖୁ କି ଏବେ ଭାରତରେ ସେରମ ଇନଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରସ୍ତୁତ ଟିକା କୋଭିସିଲ୍ଡ ଓ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଟିକା କୋଭାକ୍ସିନକୁ ଟିକାକରଣରେ ସାମିଲ କରାଯାଇଛି । ଏହାସହ ଏବେ ଋଷ ଦ୍ୱାରା ପ୍ରସ୍ତୁତ ଟିକା




ସ୍ପୁଟନିକ୍ –ଭି ଭାରତ ଆମଦାନୀ କରିବା ସହ ଏହାକୁ ଭାରତରେ ଉତ୍ପାଦନ ପାଇଁ ପ୍ରସ୍ତୁତ ଚାଲିଛି । କହିରଖୁ କି ସ୍ପୁଟନିକ୍ –ଭି ଟିକା ପ୍ରଥମେ ଘରୋଇ ସେକ୍ଟରକୁ ମିଳିବ । କୋଭିଡ ବ୍ରେକିଂ ଗ୍ରୁପର ଚେୟାରମ୍ୟାନ ଏନକେ ଆରୋରା ଏନେଇ ଜାତୀୟ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ସେ କହିଛନ୍ତି କି ଏହି ଟିକାକୁ ପ୍ରଥମେ ଘରୋଇ ସେକ୍ଟରକୁ ଦେବାର ଆବଶ୍ୟକତା ରହିଛି । ଏହାସହ ଏହି ଟିକାକୁ ଗୋଟିଏ ନିର୍ଦ୍ଦିଷ୍ଟ ତାପମାତ୍ରାରେ ସଂରକ୍ଷିତ କରାଯିବାର ଆବଶ୍ୟକତା ରହିଛି । ସେ କହିଛନ୍ତି ଆଗାମୀ ୩ ସପ୍ତାହ ମଧ୍ୟରେ ଦେଶକୁ ୩ ଗୁଣା ଟିକା ମିଳିବ ।

# ଦେଶକୁ ଖୁବଶୀଘ୍ର ମିଳିବ ଫାଇଜର ଟିକା !

ନୂଆଦିଲ୍ଲୀ,୨୭/୦୫: ନିଅଣ୍ଟିଆ ଟିକାକୁ ନେଇ ଦେଶରେ ଚାଲିଥିବା ଟିକାକରଣ ଭିତରେ ଭାରତକୁ ଖୁବଶୀଘ୍ର ଫାଇଜର ଟିକା ମିଳିପାରେ । ନୀତି ଆୟୋଗ ସଦସ୍ୟ ବି.କେ ପଲ କହିଛନ୍ତି କି, ଫାଇଜର ଟିକାର ଉପଲବ୍ଧତା ନେଇ ସଂକେତ ମିଳିବା ପରେ କମ୍ପାନୀ ଓ ସରକାର ଉଭୟ ଏହାକୁ ଦେଶରେ ପହଂଚାଇବାକୁ କାମ କରୁଛନ୍ତି । ପଲ ବୁଧବାର ଦିନ ଭାରତରେ ଟିକାକରଣ ପ୍ରକ୍ରିୟା ଓ ଉପଲବ୍ଧତା ଉପରେ କହିଛନ୍ତି କି, ସାରା ବିଶ୍ୱରେ ଟିକାର ମହଜୁଦ ସିମୀତ ଅଟେ । କମ୍ପାନୀ ମାନେ ପ୍ରାଥମିକତା, ଯୋଜନା ହିସାବରେ ଟିକା ଆବଣ୍ଟନ କରୁଛନ୍ତି । ଏହାସହ




ସେ କହିଛନ୍ତି କି. ଯେତେବେଳେ ଆମକୁ ଫାଇଜର ଟିକାର ଉପଲବ୍ଧତା ନେଇ ସଂକେତ ମିଳିଲା ସରକାର ଓ କମ୍ପାନୀ ଉଭୟ ତା' ଉପରେ ମିଳିତ ଭାବେ କାମ କରୁଛନ୍ତି । ଏହାସହ ସେ ଆହୁରି କହିଛନ୍ତି କି ୨୦୨୦ ମଧଭାଗରୁ ସରକାର ବିଶ୍ୱର ପ୍ରମୁଖ ଟିକା କମ୍ପାନୀ ଯେମିତି କି ଫାଇଜର , ଜେଏଣ୍ଡଜେ ତଥା ମଡର୍ଣ୍ଣା ଭଳି କମ୍ପାନୀ ସହ ଆଲୋଚନା ଜାରି ରଖିଛନ୍ତି । ସରକାର ଏହି କମ୍ପାନୀ ମାନଙ୍କ ଠାରୁ ଟିକା ଆଣିବା ଓ ଏହାକୁ ଭାରତରେ ଉତ୍ପାଦନ କରିବା ନେଇ କମ୍ପାନୀ ମାନଙ୍କୁ ପୁରା ସହାୟତା ▶▶ପୃଷ୍ଠା ୭

## ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲାଙ୍କ ପରଲୋକ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ବିଶିଷ୍ଟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲାଙ୍କ ଗୁରୁବାର ସକାଳେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକ ହୋଇଥିବା ନେଇ ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ପରଲୋକରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳି ଯାଇଛି। ଶାନ୍ତିରାଜ ଖୋସଲାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଟ୍ୱିଟ୍ କରି ସେ କହିଛନ୍ତି, 'ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲାଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ।



ନିଜର ସ୍ୱତନ୍ତ୍ର ସଙ୍ଗୀତ ରଚନା ଶୈଳୀ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି।' ମିଳିଥିବା ସୂଚନା ଅନୁସାରେ ସେ କିଛି ଦିନ ତଳେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ ।

## ୨୪ ଘଂଟାରେ ବାତ୍ୟା କ୍ଷୟକ୍ଷତି ରିପୋର୍ଟ ଦେବାକୁ କୃଷିମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ବାତ୍ୟା 'ୟାସ୍' ଜନିତ କ୍ଷୟକ୍ଷତିର ଆକଳନ କରି ୨୪ ଘଂଟା ମଧ୍ୟରେ ପ୍ରାଥମିକ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ ସାହୁ।ଶୁକ୍ରବାର ଦିନ ଏକ ଭର୍ଚୁଆଲ ବୈଠକରେ ମନ୍ତ୍ରୀ ଶ୍ରୀ ସାହୁ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଆଦିର କ୍ଷୟକ୍ଷତି ସମ୍ପର୍କରେ ସଚିବ ଓ ନିର୍ଦ୍ଦେଶକଙ୍କ ସହ ସେ ଆଲୋଚନା କରିଥିଲେ ଓ ଜିଲ୍ଲା ଅଧିକାରୀମାନେ ତୁରନ୍ତ ବାତ୍ୟା ପ୍ରଭାବିତ ଅଂଚଳ ବୁଲି କ୍ଷୟକ୍ଷତିର ପ୍ରାଥମିକ ରିପୋର୍ଟ ପଠାଇବାକୁ କହିଥିଲେ। ଗୃହ ପାଳିତ ପଶୁ ଓ କୁକୁଡ଼ା ଫାର୍ମ କ୍ଷତିଗ୍ରସ୍ତ ହୋଇଥିଲେ, ତାର ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ମନ୍ତ୍ରୀ କହିଥିଲେ। ବିଭିନ୍ନ ଜିଲ୍ଲାରୁ ପ୍ରାଥମିକ ରିପୋର୍ଟ ମିଳିବା ପରେ ଏ ଦିଗରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବୈଠକରେ କୃଷି ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର କମିଶନର ତଥା ଶାସନ ସଚିବ ଆର. ରଘୁ ପ୍ରସାଦ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଯୋଗଦେଇ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ୧୨ ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟ ଏସିଏସ୍‌ଙ୍କ ଚିଠି

ଭୁବନେଶ୍ୱର,୨୭/୦୫ (ନି.ପ୍ର): ରାଜ୍ୟରେ ବାତ୍ୟା ଚାଲିଯିବା ପରେ ଏବେ ପୁଣି କରୋନା ଚିନ୍ତା ଫେରିଆସିଛି । ବାତ୍ୟା ପାଇଁ ଆଶ୍ରୟସ୍ଥଳକୁ ନିଆଯାଇଥିବା ଲକ୍ଷ ଲକ୍ଷ ଲୋକ, ଉଦ୍ଧାର ଓ ସହାୟତା କରିବାକୁ ଯାଇଥିବା ହଜାର ହଜାର କର୍ମଚାରୀ ଯେପରି କରୋନା ସଂକ୍ରମିତ ନ ହୁଅନ୍ତି ସେ ଦିଗରେ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି । ସାମୁଦ୍ରିକ ବାତ୍ୟା 'ୟାସ୍' ପାଇଁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହୋଇଥିବା ଲୋକମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ରାଜ୍ୟ ସରକାର ଆଜି ୧୨ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏନେଇ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ୟାସ୍ ବାତ୍ୟା ପାଇଁ ବହୁ ପରିବାର ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହୋଇଥିଲେ। ଏହାବ୍ୟତୀତ ବହୁ ଲୋକ ମଧ୍ୟ ବାତ୍ୟା ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି ସମସ୍ତ ଲୋକମାନେ ପରସ୍ପରର ସଂସ୍ପର୍ଶରେ ଆସିଥିବେ। ଏବେ ଲୋକମାନେ ବାତ୍ୟା ଆଶ୍ରୟସ୍ଥଳୀରୁ ଘରକୁ ଫେରିଥିବା ଓ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଥିବାରୁ, ଆଗାମୀ ସପ୍ତାହଗୁଡ଼ିକରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କର କୋଭିଡ୍ ଲକ୍ଷଣ ଉପରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ଏହି ୧୨ଟି ଜିଲ୍ଲା ହେଲା ବାଲେଶ୍ୱର, ଭଦ୍ରକ,ମଂୟୁରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂହପୁର, ସୁନ୍ଦରଗଡ଼, ପୁରୀ, କେନ୍ଦୁଝର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ ।

## ବାଲେଶ୍ୱର ବାହାନଗାରେ ସର୍ବାଧିକ ବିପର୍ଯ୍ୟୟ କରିଛି ୟାସ୍ : ଜୋରଦାର ହେଉଛି ଉଦ୍ଧାର କାମ

ଭୁବନେଶ୍ୱର,୨୭/୦୫(ନି.ପ୍ର): ବାତ୍ୟା ଚାଲିଯିବା ପରେ ଏବେ ରିଲିଫ ଓ ଉଦ୍ଧାର କାମକୁ ଜୋରଦାର କରିଛି ଜିଲ୍ଲା ପ୍ରଶାସନ । ବାଲେଶ୍ୱର ଜିଲ୍ଲାର ବାହାନଗା ଅଂଚଳରେ ବାତ୍ୟା ସାୟ ଲ୍ୟାଣ୍ଡଫଲ କରିଥିବାରୁ ଏହିଠାରେ ସର୍ବାଧିକ କ୍ଷୟକ୍ଷତି ହୋଇଛି । ବିଭିନ୍ନ ସ୍ଥାନରେ ବଡ ବଡ ଗଛସବୁ ଉପୁଡି ପଡିବା ସହ ବିଦ୍ୟୁତ ଖୁଂଟ ଭାଙ୍ଗି ପଡିଛି । ଗଛପଡି କଚ୍ଚା ଘରସବୁ ନଷ୍ଟ ହୋଇଯାଇଛି । ସେହିପରି ଜିଲ୍ଲାର ପ୍ରାୟ ୮୬ଟି ଗାଁରେ ସମୁଦ୍ର ପାଣି ପଶି



ଯାଇଥିବାବେଳେ ଏବେ ବର୍ଷା କମିବା ପରେ ଧିରେଧିରେ ସ୍ଥିତି ସ୍ୱାଭାବି ହେବାରେ ଲାଗିଛି । ଅନ୍ୟପଟେ ଅଗ୍ନିଶମ, ଏନଡିଆରଏଫ ଏବଂ ଓଡ୍ରାଫ ଟିମ୍ ଗଛକାଟି ରାସ୍ତା ସଫା କରିବାରେ ଲାଗିଛନ୍ତି । ଅନ୍ୟପକ୍ଷରେ ବାତ୍ୟା ୟାସ ପ୍ରଭାବରେ ଦେବଗଡ ଜିଲ୍ଲାରେ ଗତକାଲି ପୂର୍ବାହ୍ନରୁ ବର୍ଷା ସହ ପବନ ବୋହୁଥିବା ଦେଖିବାକୁ ମିଳିଛି । ଗତକାଲି ପୂର୍ବହ୍ନରୁ ଜିଲ୍ଲାର ବିଭିନ୍ନ ଅଂଚଳରେ ହାଲିକା ପବନ ବୋହିବା ସହ ଝିପିଝିପ ବର୍ଷା ଲାଗି ରହିଛି । ଲାଗି ରହିଥିବା ବର୍ଷା ପବନ ପୌରାଂଚଳର ୬ ନଂ ୱାର୍ଡରେ ବାସମତୀ ମୁଖୀଙ୍କ ଘର ଉପରେ ଗଛ ଭାଙ୍ଗି ପଡ଼ିଯାଇଥିଲା । ଏହି ଘଟଣାରେ କାହାର କିଛି କ୍ଷତି ହୋଇନାହିଁ । ଆଜି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଚିଂ ଗଛକାଟି ସଫା କରୁଥିବା ଦେଖିବାକୁ ମିଳିଛି । ସେହିପରି ୱାର୍ଡ ନଂ ୮ ଗୋବିନ୍ଦପୁର ବସ୍ତିର ରଜନୀକାନ୍ତ ମୁଣ୍ଡାଙ୍କ ଘର ଛାପର ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି । ଗତକାଲି ବର୍ଷାଓ ପବନ ର ପ୍ରଭାବରେ ଜିଲ୍ଲାରେ ବିଦ୍ୟୁତ ସରବାରହ ବ୍ୟାହର ହୋଇଥିବା ଦେଖିବାକୁ ମିଳିଛି ।

# ୟାସ୍ ବାତ୍ୟା ବିପତି ଟଳିଲା

କଣାସ,୨୭/୫ (ନି.ପ୍ର): ୧୯୯୯ ମସିହା ମହାବାତ୍ୟା ଏବଂ ୨୦୧୯ ମସିହା ସାମୁଦ୍ରିକ ଝଡ଼ ଫନିର ବିଭୀଷିକା ଓ କ୍ଷୟକ୍ଷତିକୁ ପୁରୀ ଜିଲ୍ଲା କଣାସ ବ୍ଲକ ଅଂଚଳର ଲୋକେ ଆଜି ପର୍ଯ୍ୟନ୍ତ ଭରଣା କରିପାରିନଥିବା ବେଳେ ବାତ୍ୟା ୟାସ୍ ର ଆଗମନକୁ ନେଇ ଲୋକେ ଆତଙ୍କିତ ହୋଇପଡିଥିଲେ । ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପ୍ରସାରଣ ହେବାପରେ କଣାସ ଅଂଚଳ ଜନସାଧାରଣଙ୍କ କିଛି ଦିନ ହେଲା ନିଦ ହଜିଯାଇଥିଲା । ସାମୁଦ୍ରିକ ଝଡ଼ ଫନିରେ ବହୁଗରିବ ଲୋକଙ୍କ ଚାଳ ଛପର ଓ ଆଜବେଷ୍ଟସ୍ ଗୃହ ଧରାଶାୟୀ ହୋଇଥିବା ବେଳେ ଶହଶହ ପରିବାର ପଲିଥିନ ତଳେ ବର୍ତମାନ ସୁଦ୍ଧା ଆଶ୍ରୟ ନେଇଛନ୍ତି । ଏପରି ସ୍ଥିତିରେ ୟାସ୍ ସାମୁଦ୍ରିକ ଝଡ଼ ଆସିବା ଖବର ପ୍ରଚାରିତ ହେବାପରେ ଲୋକେ ଭୟଭିତ ହୋଇପଡିଥିଲେ । ବାତ୍ୟା ୟାସ୍ ବାଲେଶ୍ୱରରେ ଲ୍ୟାଣ୍ଡଫଲ୍ କରିବା ପରେ ଲୋକେ କିଛିଟା ଆଶ୍ୱସ୍ତି ଲାଭ କରିଛନ୍ତି । ବାତ୍ୟା ବିପତି ଟଳିଛି । ବ୍ଲକର କୌଣସି ଠାରେ ବିଶେଷ କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି ।

## ବାତ୍ୟା ପୀଡିତ ବ୍ଲକରେ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଭ୍ରାମ୍ୟମାଣ ଏଟିଏମ୍ ସେବା ଆରମ୍ଭ

କେନ୍ଦ୍ରାପଡ଼ା,୨୭/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ୟାସ୍ ବାତ୍ୟା ପ୍ରଭାବିତ ୪ଟି ବ୍ଲକରେ ଭ୍ରାମ୍ୟମାଣ ଏଟିଏମ୍ ସେବା ଖୁବ୍ ଶିଘ୍ର କାର୍ଯ୍ୟକାରୀ କରାଯିବ । ଷ୍ଟେଟ୍ ବ୍ୟାଙ୍କର ଯାଜପୁର ସ୍ଥିତ ଆଂଚଳିକ କାର୍ଯ୍ୟାଳୟ ତରଫରୁ ବ୍ୟାଙ୍କ ଖାତା ଧାରୀମାନଙ୍କ ନିକଟରେ ଏଟିଏମ୍ ସେବା ପ୍ରଦାନ କରାଯାଇ ଅର୍ଥ ଉଠାଣର ସୁଗମ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବାତ୍ୟାଂଚଳ ର ଲୋକମାନେ ଟଙ୍କା ପାଇଁ ବ୍ୟାଙ୍କକୁ ନଦୌଡି ଘର ପାଖରେ ଏହି ସେବା ପାଇ ପାରିବେ । ୨୭ ତାରିଖ ଗୁରୁବାର ଠାରୁ ବାତ୍ୟା ପିଡିତ ରାଜନଗର, ମହାକାଳପଡା, ଆଳି, ରାଜକନିକା ପ୍ରଭୃତି ବାତ୍ୟା ପିଡିତ ଅଂଚଳର ପ୍ରତି ଗାଁରେ ଘର ଘର ବୁଲି ଗ୍ରାହକମାନଙ୍କୁ ଉତମ ସେବା ପ୍ରଦାନ କରିବାର ସହାୟକ ହେବବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଡିଭିଜିନାଲ ମ୍ୟାନେଜର ଶ୍ରୀ ପ୍ରବିର ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି ।

# ଓଡ଼ିଶାରେ ସଙ୍କଟରେ ପାରମ୍ପରିକ ସଂସ୍କୃତଶିକ୍ଷା ରାଜ୍ୟସ୍ତରୀୟ ବିଶେଷ ସମ୍ମିଳନୀ

ଜଳେଶ୍ୱର,୨୭/୫ (ନି.ପ୍ର): ସମ୍ପ୍ରତି ସମଗ୍ର ଓଡିଶାରେ ଏକ ସଙ୍କଟମୟ ପରିସ୍ଥିତିରେ ପାରମ୍ପରିକ ସଂସ୍କୃତଶିକ୍ଷା ଗତି କରୁଅଛି ଉକ୍ତ ବିଷୟକୁ ଆଧାର କରି ଓଡିଶା ସଂସ୍କୃତ ମହାବିଦ୍ୟାଳୟ ସଙ୍ଘ ପକ୍ଷରୁ ଏକ ରାଜ୍ୟସ୍ତରୀୟ ବିଶେଷ ଆଭାସୀ ସମ୍ମିଳନୀ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସଂସ୍କୃତ ବିଦ୍ୱାନ୍ ଡ. ସଦାନନ୍ଦ ଦୀକ୍ଷିତଙ୍କର ସଭାପତିତ୍ୱରେ ଆୟୋଜନ ହୋଇଯାଇଅଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋ ହରିହର ହୋତା ଯୋଗଦାନ କରିଥିଲେ । ପୁରୀସ୍ଥିତ ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜଗବନ୍ଧୁମିଶ୍ର ମୁଖ୍ୟ ବକ୍ତା ଭାବରେ ସଂସ୍କୃତ ଶିକ୍ଷାର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକପାତ କରିଥିଲେ, ସମ୍ମାନୀତ ଅତିଥି ଭାବରେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ପାଢୀ , ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିବେକାନନ୍ଦ ସାହୁ , ସିଣ୍ଡିକେଟ୍ ସଦସ୍ୟ ବାଲାଜୀପ୍ରସାଦ ଦାଶ ପୂର୍ବତନ ସିଣ୍ଡିକେଟ ସଦସ୍ୟ ଜନ୍ମେଜୟ ଶତପଥୀ । ସରକାରୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିନିଧି ଭାବରେ ପ୍ରାଧ୍ୟାପକ ସୁଦର୍ଶନ ସାହୁ ସଂସ୍କୃତ ବ୍ଲକଗ୍ରାଂଟ ସଙ୍ଘର ସମ୍ପାଦକ ପ୍ରାଧ୍ୟାପକ ନରେନ୍ଦ୍ରନାଥ ବସ୍ତିଆ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁବ୍ରତ କୁମାର ପ୍ରଧାନ, ସଂସ୍କୃତ ମହାବିଦ୍ୟାଳୟ ସଙ୍ଘର ସମ୍ପାଦକ ହେମନ୍ତ କୁମାର ମୁଦୁଲି, ପ୍ରମୁଖ ଯୋଗଦାନ କରି ସାମ୍ପ୍ରତିକ ସଂସ୍କୃତ ଭାଷାର ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ । ଉଚ୍ଚବିଦ୍ୟାଳୟ ସ୍ତରରେ ସଂସ୍କୃତ ଭାଷାକୁ ଧନ୍ଦାମୂଳକ ବିଷୟର ବିକଳ୍ପ ବିଷୟ ଭାବରେ ନିର୍ଧାର୍ଯ୍ୟ କରାଯାଇଅଛି । ଶତାଧିକ ବର୍ଷର ପ୍ରାଚୀନ ସଂସ୍କୃତ ବିଦ୍ୟାଳୟ ଗୁଡିକରେ ନୂତନନିଯୁକ୍ତି ବିଧାନ ନହେବାରୁ ଅନୁଷ୍ଠାନଗୁଡିକୁ ବନ୍ଦ ହେବାକୁ ଯାଉଅଛି । ରାଜ୍ୟରେଥିବା ସଂସ୍କୃତ ମହାବିଦ୍ୟାଳୟଗୁଡିକରେ ନୂତନନିଯୁକ୍ତି କରାନଯିବା ସହିତ ସଂସ୍କୃତ ମହାବିଦ୍ୟାଳୟ ଗୁଡିକୁ ମୋ କଲେଜ ଅଭିଜାନରେ ସାମିଲ କରାଯାଇନାହିଁ । ଏହାଦ୍ୱାରା ଧୀରେ ଧୀରେ ରାଜ୍ୟରେ ପାରମ୍ପରିକ ସଂସ୍କୃତଶିକ୍ଷା ବନ୍ଦ ହେବାକୁ ଓ ଯାଉଅଛି । ଏହା ସହିତ ସଂସ୍କୃତ ଶିକ୍ଷାର ବହୁ ସମସ୍ୟା ସମ୍ବନ୍ଧରେ ବିଚାର ବିମର୍ଷ କରାଯାଇଥିଲା । କାର୍ଯ୍ୟ କ୍ରମର ପ୍ରାରମ୍ଭରେ ଡ.ଅରୁଣକୁମାର ତ୍ରିପାଠୀ ବେଦପାଠ କରିଥିଲେ । ଶ୍ରୀମତୀ ମୋନାଲିସା ପାଣି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ରୋହିତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମରେ ବିଭୂତିଭୂଷଣ କର ସହାୟତା ପ୍ରଦାନ କରିଥିଲେ । ଉକ୍ତ ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହରୁ ଶତାଧିକ ଅଧ୍ୟକ୍ଷ , ଅଧ୍ୟାପକ ବିଶିଷ୍ଟ ବିଦ୍ୱାନ୍ ତଥା ସଂସ୍କୃତ ପଣ୍ଡିତ ଯୋଗଦାନ କରିଥିଲେ ।

# ସିପିଆଇର ବିକ୍ଷୋଭ

ଜୟପୁର,୨୭/୫ (ନି.ପ୍ର): ଆଜି ତିନୋଟି ଯାକ କଳା କୃଷି ଆଇନ ବାତିଲ୍ କରିବା ଦାବି ରେ କୃଷକ ଆନ୍ଦୋଳନକୁ ଛ' ମାସ ପୁରଣ ହେଉଥିବା ବେଳେ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ଆହ୍ୱାନରେ ସର୍ବଭାରତୀୟ କଳାଦିବସ ପାଳନ କରାଯାଉଛି । ଏହି ଅବସରରେ ଜୟପୁରଠାରେ କୋରାପୁଟ ଜିଲ୍ଲା ସିପିଆଇ ପକ୍ଷରୁ ଏନ୍ ଏଚ୍ - ୨୬ ପାର୍ଶ୍ୱରେ ଛିଡା ହୋଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆଜିର କଳାଦିବସରେ କେନ୍ଦ୍ରର ମୋଦୀ ସରକାର ପାଖରେ ଦାବି କରାଯାଇଛି ଯେ କରୋନା ମହାମାରୀ କାଳରେ ପାରିତ କରିଥିବା ତିନୋଟି ଯାକ କଳା କୃଷି ଆଇନ ତୁରନ୍ତ ବାତିଲ୍ କରାଯାଉ । ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ୍‌କୁ ରଦ୍ଦ କରିବା ଆଇନ୍ ଫେରାଇ ନିଅ । କୃଷି ଆଇନ ଯଦି ଲାଗୁ ହୁଏ ତେବେ ଖାଦ୍ୟ ସଂରକ୍ଷଣ ପ୍ରକ୍ରିୟା ଘରୋଇ ମାଲିକାନା ହାତକୁ ଚାଲିଯିବ । ସେତେବେଳେ ଗରୀବ ନିଃସହାୟ ଲୋକ ମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବା ଅସମ୍ଭବ ହେବ। ମଣ୍ଡି ବନ୍ଦ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର । କୃଷି ବିପଣନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିବ । ଏଣୁ କୃଷି ଆଇନ ଫଳରେ କେବଳ କୃଷକ କିମ୍ବା କୃଷି ଶ୍ରମିକ କ୍ଷତିଗ୍ରସ୍ତ ହେବେନି ବରଂ ସାଧାରଣ ଖାଉଟି ମଧ୍ୟ କ୍ଷତିଗ୍ରସ୍ତ ହେବେ । ଏଣୁ ଏହି ଆଇନ ବାତିଲ୍ କରିବା ଦାବିରେ ନଭେମ୍ବର ମାସ ୨୬ ତାରିଖ ରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ଆନ୍ଦୋଳନ ଆଜି ଛ' ମାସ ପୂରଣ ହୋଇଛି । କରୋନା ମହାମାରୀକୁ ଆଖି ଆଗରେ ରଖି ସମ୍ପୂର୍ଣ୍ଣ ବ୍ୟବସ୍ଥିତ ଭାବରେ ପ୍ରତୀକାତ୍ମକ କଳାଦିବସ ସାରା ଭାରତରେ ପାଳନ କରାଯାଉଛି । ଏଥିସହ ଆମେ ଦାବି କରୁଛୁ କରୋନା ମହାମାରୀ ସମୟରେ କାମ ଧନ୍ଦା ବ୍ୟବସାୟ ବାଣିଜ୍ୟ ଜୀବିକା ହରାଇଥିବା ସମସ୍ତଙ୍କୁ ମୁଣ୍ଡ ପିଛା ମାସିକ ୧୦ କେଜି ରାସନ୍ ଓ ପ୍ରତି ପରିବାରକୁ ଲକ୍ ଡାଉନ୍ ଲାଗିବା ପର୍ଯ୍ୟନ୍ତ ମାସିକ ୭,୫୦୦/ ଟଙ୍କା ଯୋଗାଇ ଦେବା, ସମସ୍ତ ଙ୍କୁ ସାର୍ବଜନୀନ ମାଗଣା ଭେକ୍ସିନେସନ୍ କିର୍ଯ୍ୟକ୍ରମ କରିବା ବା ଗୋଟିଏ ଦେଶ ଗୋଟିଏ ଟୀକା କରଣ କାର୍ଯ୍ୟ କ୍ରମ କରିବା ପାଇଁ ଦାବି କରି ଆଜି ସାରା ଭାରତରେ ଦାବି ଉପସ୍ଥାପନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ମଧ୍ୟ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ର ଆହ୍ୱାନକୁ ସମର୍ଥନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କରୋନା କାଳରେ ତଥା ବାତ୍ୟା 'ୟସ୍' ରୁ ଧନଜୀବନ ସୁରକ୍ଷା ପାଇଁ ସମର୍ପିତ ସହଯୋଗ କରିବା ଓ ରାଜ୍ୟ ତଥା ଦେଶକୁ ସୁରକ୍ଷିତ କରିବା ପାଇଁ ପ୍ରତୀକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆଜିର ବିକ୍ଷୋଭ ପ୍ରଦର୍ଶନ ରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ପ୍ରଦୀପ ପାଞ୍ଜୀଆ, ଶଶାଙ୍କ ଶେଖର ମଣ୍ଡଳ, ସୁଦର୍ଶନ ବିଷୋୟୀ, ତିରୁପତି ମାଳି, ନରସିଂହ ଜାନୀ, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କରୋନା ମହାମାରୀର ଅନ୍ତ ପରେ କୃଷକ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି । କୃଷକ ଓ ଜନସାଧାରଣ ବିରୋଧୀ ତିନୋଟି ଯାକ କୃଷି ଆଇନ ବାତିଲ୍ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି।

## ବୁଦ୍ଧ ପୂର୍ଣ୍ଣିମା ପାଳିତ

ମାଲକାନଗିରି ,୨୭/୫ (ନି.ପ୍ର): ଆଜି ଭଗବାନ ବୁଦ୍ଧଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି। ବୁଦ୍ଧ ପୂର୍ଣ୍ଣିମା ଅବସରରେ ସକାଳେ ସହିଦ ଲକ୍ଷ୍ମଣ ନାୟକ ଉନ୍ନୟନ ସମିତି କାର୍ଯ୍ୟାଳୟ ପରିସରରେ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବାସହ ବୁଦ୍ଧଜୟନ୍ତୀ ରେ ସର୍ବଶକ୍ତି,କୃଷକ ସମ୍ବାଦ ର ସମ୍ପାଦକ ସମାଜସେବୀ ଭାସ୍କର ବେହେରା ଅଧ୍ୟାପକ ଡ,ରନ କୁମାର ସ୍ୱାଇଁ ବରିଷ୍ଠ ଆଇନଜୀବୀ ନୃସିଂହ ମହାନ୍ତି ସମାଜସେବୀ ଦାସ କାଂଚନ ଦାସ,ରିନା କବାସୀ,ସୁବ୍ରତ ଦାସ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦାନ କରି ବୁଦ୍ଧଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# 'ୟାସ'ପ୍ରଭାବରେ ଚାଷ ଜମିରେ ପଶିଲା ସମୁଦ୍ର ଜଳ : ଲୁଣି ବନ୍ୟାରେ ଶହଶହ ଏକର ଚିଙ୍ଗୁଡ଼ି ଘେରି ନଷ୍ଟ

ବାଲେଶ୍ୱର,୨୭/୫ (ନି.ପ୍ର): ସାମୁଦ୍ରିକ ବାତ୍ୟା 'ୟସ'ର ପ୍ରଭାବରେ ବଙ୍ଗୋପସାଗରରେ ଉଠିଥିବା ୪ମିଟରରୁ ଅଧିକ ଉଚ୍ଚର ଜୁଆର ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣିବନ୍ୟା ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଛି। 'ୟସ' ସ୍ଥଳଭାଗ ଛୁଇଁବା ବେଳେ ୨୬ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସମୁଦ୍ର ଅତ୍ୟନ୍ତ ଅଶାନ୍ତ ହୋଇପଡ଼ିଥିଲା। ଏହି ସମୟରେ ଉଠୁଥିବା ବଡ଼ ବଡ଼ ଲହରି କୂଳ ଲଙ୍ଘି ଚାଷଜମିକୁ ମାଡ଼ିଆସିଥିଲା। ସେହିଭଳି ସମୁଦ୍ର ସଂଯୋଗ କରିଥିବା ଏକାଧିକ ନିଷ୍କାସନ ନାଳରେ ଏହି ଜୁଆର ପାଣି ପଶି ଆସିବା ଫଳରେ ଚାଷଜମିରେ ଲୁଣିବନ୍ୟା ସୃଷ୍ଟି ହୋଇଥିଲା। ତେବେ କୋଷ୍ଟ କେନାଲ ଓ ସିଧାସଳଖ ସମୁଦ୍ର ସହ ସଂଯୋଗ ହୋଇଥିବା ନାଳରେ ଲୁଣାପାଣି ଆସି ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରେ ଶହଶହ ଏକ ଚୁଙ୍ଗୁଡ଼ି ଘେରି ନଷ୍ଟ ହୋଇ ଯାଇଥିବା ଜଣାପଡ଼ିଛି। ବିଶେଷ କରି ବାଲେଶ୍ୱର ଜିଲାର ଭୋଗରାଇ, ବାଲିଆପାଳ ବ୍ଲକ ସମେତ ସଦର ବ୍ଲକର ପରିଖି ଓ ରେମୁଣା ବ୍ଲକର ଶ୍ରୀଜଙ୍ଗ, କଳାମାଟିଆ ପ୍ରଭୃତି ଅଞ୍ଚଳରେ ବହୁ ଚିଙ୍ଗୁଡ଼ିଘେରିର ବନ୍ଧ ଧୋଇଯିବା ଫଳରେ ଚାଷ ହୋଇଥିବା ପୋଖରୀରୁ ମାଛ ବାହାରି ଯାଇଛି। ଏନେଇ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ପଚାରିବାରୁ ସେ ୟସ ଜନିତ ଚିଙ୍ଗୁଡ଼ି ଘେରି ସମ୍ପର୍କରେ ଅବଗତ ଥିବା କହିଛନ୍ତି। ତେବେ ଆସନ୍ତାକାଲି ଅର୍ଥାତ ୨୭ ତାରିଖରେ କ୍ଷେତ୍ର ତଦନ୍ତ ସହ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗଛପଡ଼ି ଯୁବକର ମୃତ୍ୟୁ



ବାଲେଶ୍ୱର,୨୭/୫ (ନି.ପ୍ର): ସାମୁଦ୍ରିକ ଘୁର୍ଣ୍ଣିଝଡ଼ 'ୟସ'ର ପ୍ରଭାବରେ ଗଛପଡ଼ି ବାଲେଶ୍ୱର ସହରର ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣକ ହେଲେ ସହଦେବଖୁଣ୍ଟା ଅନ୍ତର୍ଗତ ଭାସ୍କରଗଞ୍ଜ (ବି) ଅଞ୍ଚଳର ସ୍ୱର୍ଗତ ବାବୁଲି ଜେନାଙ୍କ ପୁତ୍ର ମଣ୍ଟୁ ଜେନା (୨୨)। ବାତ୍ୟାର ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ସେହି ଅଞ୍ଚଳର ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ପରିବାରର ସମସ୍ତ ସଦସ୍ୟ ପୂର୍ବରୁ କ୍ୟାମ୍ପକୁ ଚାଲି ଯାଇଥିବା ବେଳେ ମଣ୍ଟୁ ଘରେ ତାଲା ଦେଇ ପଛରେ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ବଡ଼ଗଛ ତାଙ୍କ ଉପରେ ପଡ଼ିଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ବି ଏଠାରେ ଡାକ୍ତର ମଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ।

## ଅଟୋ ସହ ମଦ ଜବତ: ଜଣେ ଗିରଫ

ଗଞ୍ଜାମ,୨୭/୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ରୋଡ଼ ପେଟ୍ରୋଲ୍ ପମ୍ପ ରାସ୍ତାରୁ ଆଜି ସକାଳେ ପୋଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି । ଘଟଣାରେ ପୋଲିସ ଗୁରୁଣ୍ଡି ଗ୍ରାମର ଶିବ ସେଠୀ ନାମକ ଜଣେ ଯୁବକକୁ ଗିରଫ କରିଛି । ପେଟ୍ରୋଲିଂ ସମୟରେ ପୋଲିସ ଏହି ଅଟୋକୁ ଅଟକାଇ ଯାଂଚ୍ କରିବା ବେଳେ ଏଥିରୁ ବିପୁଳ ପରିମାଣର ମଦ ଜବତ ହୋଇଥିଲା । ସେଥିରେ ଦୁଇ ପେଟି ବିୟର୍ ଓ ୨ ପେଟି ବିଦେଶୀ ମଦ ରହିଛି ।

## ସିଲେରୁ ନଦୀ ଡ଼ଙ୍ଗା ବୁଡି ଘଟଣାରେ ନିଖୋଜ ୨ ଜଣଙ୍କ ମୃତଦେହ ଉଦ୍ଧାର

ମାଲକାନଗିର,୨୭/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଗୁଣ୍ଡାୱାଡା ପଂଚାୟତ ଦେଇ ବୋହିଯାଇଥିବା ସିଲେରୁ ନଦୀର କନ୍ଧଗୁଡା ଘାଟ ନିକଟରେ ଗତ ଦୁଇ ଦିନ ତଳେ ଦୁଇଟି ଦେଶୀ ଡଙ୍ଗା ବୁଡି ଯାଇଥିଲା।ଏହି ଦୁଇଟି ଡ଼ଙ୍ଗାରେ ୧୧ ଜଣ ଯାତ୍ରୀ ରହିଥିବାବେଳେ ସେଥିମଧ୍ୟରୁ ୮ ଜଣ ନିଖୋଜ ଥିଲେ !ଗତକାଲି ଅଗ୍ନିଶମ ଓ ଓଡ୍ରାଫ ଟିମ ଦିନ ତମାମ ଖୋଜା ଖୋଜି କରି ୬ଟି ମୃତ ଦେହ ପାଇଥିବାବେଳେ ଆଜି ସକାଳୁ ନିଖୋଜ ଥିବା ଆଉ ଦୁଇ ଜଣଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା !ବହୁସମୟ ଧରି ଖୋଜାଖୋଜି କରିବାପରେ ନିଖୋଜ ଥିବା କନ୍ଧଗୁଡା ଗ୍ରାମର ଲକ୍ଷ୍ମୀ ଖରା (୨ ୨ )ଓ ଗୁଣ୍ଡାବେଡା ଗ୍ରାମର ଅନୁସାରାମ (୧ବର୍ଷ)ର ମୃତ ଦେହ ପାଇଥିଲେ । ସମସ୍ତ ମୃତଦେହକୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଦୁଇଦିନ ତଳେ ତେଲେଙ୍ଗାନା ଅଂଚଳକୁ ଦାଦନ ଖଟିବାକୁ ଯାଇଥିବା ପ୍ରାୟ ୩୬ ଜଣ ଲୋକ ନିଜ ଘରକୁ କରୋନା ଜନିତ ନିୟମକୁ ଭୟକରି ଓଡ଼ିଶାକୁ ସ୍ଥଳ ପଥରେ ନ ଆସି ସିଲେରୁ ନିକଟରୁ ରାତି ସମୟରେ ଜଳପଥ ଦେଇ ନିଜ ଘରକୁ ଫେରୁଥିଲେ !ସେହି ସମୟରେ ଡଙ୍ଗା ବୁଡ଼ିଯାଇ ୮ ଜଣଙ୍କର ଜୀବନ ଅକାଳରେ ଚାଲିଗଲା। ଚିତ୍ରକୋଣ୍ଡା ତହସିଲଦାର ଟି ପଦ୍ମନାଭ ଦୋରା ଦୁର୍ଘଟଣା ଘଟିବା ସମୟଠାରୁ ସମସ୍ତ ମୃତ ଦେହ ବାହାରିବା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଅଗ୍ନିଶମ ଓ ଓଡ୍ରାଫ ବାହିନୀ ଦୁଇଦିନ କାଳ ଖୋଜାଖୋଜି କରି ସମସ୍ତ ମୃତ ଦେହକୁ ବାହାର କରିଥିଲେ। ଚିତ୍ରକୋଣ୍ଡା ଏସଡିପିଓ ସୁନାରମ୍ ହେମ୍ବ୍ରମ, ଚିତ୍ରକୋଣ୍ଡା ଓଆଇସି ସୂର୍ଯ୍ୟପ୍ରକାଶ ନାୟକ ନିଜ ଟିମ ସହ ଘଟଣା ସ୍ଥଳରେ ଉପସ୍ଥିତ ରହି ଅଗ୍ନିଶମ ଓ ଓଡ୍ରାଫ ବାହିନୀକୁ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ । ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଘଟଣା ସ୍ଥଳକୁ ଯାଇ ଶୋକ ସନ୍ତୋପ ପରିବାରକୁ ସମବେଦନା ଜଣାଇଥିଲେ !

# କଣାସ ବ୍ଲକରେ କରୋନା ପଜେଟିଭ୍ ସଂଖ୍ୟା ୬ ଶହ ଟପିଲା

କଣାସ,୨୭/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଗତ ୫ ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିଥିବା ବେଳେ ପୁନଶ୍ଚ ଲକ୍ ଡାଉନ୍ ଅବଧିକୁ ଜୁନ୍ ୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଫଳରେ ବଜାର ଘାଟ ଜନଶୂନ୍ୟ ରହିଥିବା ବେଳେ ଗାଁ ଗହଳିରେ ଲକ୍ ଡାଉନ୍ କୌଣସି ପ୍ରଭାବ ପଡିନଥିବା ଦେଖିବାକୁ ମିଳିଛି । ଏପରି ସ୍ଥିତିରେ ପୁରୀ ଜିଲ୍ଲା କଣାସ ବ୍ଲକରେ ଦିନକୁ ଦିନ ପଜେଟିଭ ସଂଖ୍ୟା ବଢି ଚାଲିଛି । ଆଜି କଣାସ ବ୍ଲକର ବିଭିନ୍ନ ଗ୍ରାମରୁ ୧୦ ଜଣ କୋରନା ପଜେଟିଭି ଚିହ୍ନଟ ହୋଇଥିବା ବେଳେ କରୋନା ରୋଗୀ ସଂଖ୍ୟା ୬୦୧କୁ ବୃଦ୍ଧି ପାଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ପ୍ରକାଶ । ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ନୂଆଗାଁରୁ ୧, ବାଲିପାଟଣା ୧, ବୀରତୋଇ ୨, ସବଳଙ୍ଗ ୩, କାତପଡା ୧, ସିରେଇ ୧, ବୀରକେଶରପୁର ଗ୍ରାମରୁ ଜଣେ କରୋନା ପଜେଟିଭି ଚିହ୍ନଟ ହୋଇଛନ୍ତି। । ବର୍ତମାନ ସୁଦ୍ଧା କଣାସ ବ୍ଲକର ୨୮ଟି ଗ୍ରାମପଚାଂୟତରେ ମୋଟ୍ ୬୦୧ ଜଣ କରୋନା ପଜେଟିଭ ଚିହ୍ନଟ ହୋଇଛନ୍ତି । ୩୬୮ଜଣ ସୁସ୍ଥ ହୋଇଥିବା ବେଳେ ୫ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି।

## ସହରର ତଳିଆ ଅଂଚଳରୁ ୨ ହଜାର ଲୋକଙ୍କୁ ସ୍ଥାନାନ୍ତର

କେନ୍ଦ୍ରାପଡ଼ା,୨୭/୫ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ସହରର ତଳିଆ ଅଂଚଳରେ ରହୁଥିବା ପରିବାରଙ୍କୁ ସ୍ଥାନାନ୍ତର କରାଯାଇଛି। ବିଭିନ୍ନ ୱାର୍ଡର ବିପଦ ଶଙ୍କୁଳ କଚ୍ଚାଘରେ ରହୁଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇ ନିକଟବର୍ତୀ ସ୍କୁଲ ଓ ବାତ୍ୟା ଆଶ୍ରୟସ୍ଥଳୀ ରେ ଅବସ୍ଥାପିତ କରାଯାଇ ସେମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ସମେତ ଥଣ୍ଡା ଜ୍ୱର ଔଷଧ, ମାକ୍ସ ବଣ୍ଟନ କରାଯାଇ ଥିଲା । ପୌରାଂଚଳ ମଧ୍ୟରେ ଥିବା ୨୬ଟି ସେଣ୍ଟରରେ ଏହି ବ୍ୟକ୍ତିମାନଙ୍କୁ ରଖାଯାଇଛି । ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଦକ୍ଷ ପ୍ରଶାସକ ହୋଇ ଥିବାରୁ ଫନି ବାତ୍ୟା ସମୟରେ ନିଜର ଦକ୍ଷତା ପ୍ରକାଶ କରି ଜନ ସାଧାରଣଙ୍କର ଆସ୍ଥାବାଜନ ହୋଇ ପାରିଥିଲେ । ସେ ନିଜେ ପ୍ରତ୍ୟେକ କେନ୍ଦ୍ର ବୁଲି ରହୁଥିବା ଲୋକମାନଙ୍କ ଅଭାବ ଅସୁବିଧା ସମ୍ବନ୍ଧରେ ପଚାରି ବୁଝିଥିଲେ । ପ୍ରତ୍ୟେକ କେନ୍ଦ୍ରରେ ଜେନେରେଟର ମାଧ୍ୟମରେ ଆଲୋକ ବ୍ୟବସ୍ଥା କରାଯାଇ ଥିଲା ।

## ପ୍ରଶାସନର ଦ୍ରୁତ ପ୍ରସ୍ତୁତି ଯୋଗୁ ଭୁବନରେ ବାତ୍ୟା କ୍ଷୟକ୍ଷତି ନାହିଁ

ଭୁବନ,୨୭/୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ୟାଶ ବିପଦ ଟଳିଯାଇଛି । ଭୁବନ ବ୍ଲକରେ ସେମିତି କୌଣସି କ୍ଷୟକ୍ଷତି ହୋଇନାହିଁ । । ଗତକାଲି ରାତି ୧୦ ଘଟିକା ପରଠାରୁ ଆଜି ଅପରାହ୍ନ ପର୍ଯ୍ୟନ୍ତ ତୁହାକୁ ତୁହା ବର୍ଷା ପବନ ଲାଗିରହିଥିଲା । ବାତ୍ୟା ପାଇଁ ଏସଆରସି ପାଇଁ ଭୁବନ ବ୍ଲକକୁ ଆଲର୍ଟ କରିବା ପରେ ପ୍ରଶାସନ ତରଫରୁ ପ୍ରସ୍ତୁତି ଜୋରଦାର ହୋଇଥିଲା । ଭୁବନ ବ୍ଲକର ନଦୀକୂଳିଆ ଅଂଚଳର ଲୋକମାନଙ୍କୁ ମାଇକ ଯୋଗେ ସତର୍କ କରାଇବା ସହିତ ସୁରକ୍ଷିତ ତଥା ନିରାପଦ ସ୍ଥାନକୁ ଯିବା ପାଇଁ କୁହାଯିବା ସହିତ କଚ୍ଚାଘରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ପାଇଁ ଉଦ୍ୟମ କରାଯାଇଥିଲା । ୨୦୧୦ ଲୋକଙ୍କୁ ଚିହ୍ନଟ କରାଯାଇ ବାତ୍ୟା ଆଶ୍ରୟସ୍ଥଳ ସମେତ ବିଭିନ୍ନ ସ୍କୁଲ,କମ୍ୟୁନିଟି ସେଣ୍ଟରରେ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଇଥିଲା । ବିଡିଓ ଆଶୀର୍ବାଦ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ୧୮ ଟି ପଂଚାୟତ ପାଇଁ ୪ ଟି ଏନଜିଓ ସ୍ୱେଚ୍ଛାସେବୀ ଙ୍କ ସମେତ ୧୦ ଜଣ ବ୍ଲକ କର୍ମଚାରୀଙ୍କୁ ବାତ୍ୟା ୟାଶ ଡ୍ୟୁଟିରେ ନିୟୋଜିତ ରହିଥିଲେ । ସମସ୍ତ ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ମାନଙ୍କୁ ମଧ୍ୟ ଆଲର୍ଟ /ସଜାଗ ରହି ଲୋକଙ୍କୁ ଉଦ୍ଧାର କାର୍ଯ୍ୟ, ରିଲିଫ, ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିଲେ । ସେହିପରି ଭୁବନ ଏନଏସି ତରଫରୁ ୫ଟି ସ୍କୁଲ ଓ ବାଜିରାଉତ କଲ୍ୟାଣ ମଣ୍ଡପରେ ୧୧୨୭ ଲୋକଙ୍କୁ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଇଥିଲା । ଏନଏସିରେ କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ପ୍ରଭାସ କୁମାର ବେହୁରା ଜଣାଇଛନ୍ତି ।

# ଖମନଖୋଲ, ଲଣ୍ଡାଗାଁ କେନ୍ଦୁପତ୍ର ଫଡିରେ କାମ କରୁଛନ୍ତି ଶିଶୁ ଶ୍ରମିକ

କନ୍ଧମାଳ,୨୭/୫ (ନି.ପ୍ର): କନ୍ଧମାଳ ଜିଲ୍ଲାର ବିଭିନ୍ନ କେନ୍ଦୁପତ୍ର ଫଡିରେ ଶିଶୁ ଶ୍ରମିକ ମାନେ କାମ କରୁଥିବା ଜଣାପଡିଛି । କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳର ଲଣ୍ଡାଗାଁ ଓ ଖମନଖୋଲ କେନ୍ଦୁପତ୍ର ଫଡିରେ ୪ ଜଣ ଶିଶୁ ଶ୍ରମିକ କାମ କରୁଥିବା ଖବର ପାଇବାପରେ ଫୁଲବାଣୀ ଚାଇଲ୍ଡଲାଇନର ଶିବଶଙ୍କର ବେହେରା ଓ ଚିକୁନ କୁମାର ପ୍ରଧାନଙ୍କ ସମେତ ସହକାରୀ ଶ୍ରମ ଅଧିକାରୀ ସୁଧିର କୁମାର ସାହୁ ପ୍ରମୁଖ ସେହି ଅଂଚଳରେ ଥିବା ଫଡି ଗୁଡିକରେ ତଦାରଖ କରିଥିଲେ । ଏହି ତଦନ୍ତକାରୀ ଦଳ ଖମନଖୋଲ ଫଡିରେ ୪ ଜଣ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଦେଖିବାକୁ ପାଇଲେ । ସେମାନେ ଖମନଖୋଲ ଅଂଚଳର ବୋଲି ଜଣାପଡିଛି । ଏବଂ ଏହି ଦଳ ଅନ୍ୟ ଫଡିକୁ ଯିବାବେଳକୁ ସେଠାରେ କାମ ବନ୍ଦ ହୋଇଯାଇଥିବା ଜଣାପଡିବା ପରେ ସେଠାରୁ ଫେରିଥିଲା ଏହି ଦଳ । ତେବେ ଶିଶୁ ଶ୍ରମିକ କାମକରୁଥିବା ଫଡିର ବିଭାଗୀୟ କର୍ମଚାରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏହି ବାବଦରେ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ସମେତ କେନ୍ଦୁପତ୍ର ବିଭାଗର ଡିଏଫଓଙ୍କୁ ମଧ୍ୟ ଏହି ବାବଦରେ ସୂଚନା ପ୍ରଦାନ କରାଯିବ ବୋଲି କହିଛନ୍ତି କନ୍ଧମାଳ ଜିଲ୍ଲା ଶ୍ରମ ଅଧିକାରୀ ଦାୟୀତ୍ୱରେ ଥିବା ସହକାରୀ ଶ୍ରମ ଅଧିକାରୀ ଶୁଭଦର୍ଶୀନି ନାୟକ କହିଛନ୍ତି ।

## କଣାସ ଗ୍ରାମରୁ କଂଟେନମେଂଟ ଜୋନ୍ ହଟିଲା

କଣାସ,୨୭/୫ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଗ୍ରାମପଚାଂୟତରେ ସର୍ବାଧିକ ୫୦ରୁ ଉର୍ଦ୍ଧ୍ୱ କରୋନା ପଜେଟିଭ ଚିହ୍ନଟ ହେବାପରେ କଣାସ ବିଡିଓ ଲୋଚନ ଦାସ କଣାସ ଗ୍ରାମକୁ କଂଟେନମେଂଟ ଜୋନ୍ ଘୋଷଣା କରିଥିଲେ । ଦୀର୍ଘ ୧୫ ଦିନ ହେଲା ଏହି କଟକଣା ବଳବତର ରହିଥିଲା । ସ୍ଥିତିରେ ସୁଧାର ଆସିବା ପରେ ଆଜି ବିଡିଓ କଣାସ ଗ୍ରାମର କଂଟେନମେଂଟ କଟକଣାକୁ ପ୍ରତ୍ୟାହାର କରିଛନ୍ତି । ସେହିପରି ତ୍ରିଲୋଚନପୁର ଗ୍ରାମପଚାଂୟତର କାତପଡା ଗ୍ରାମରେ କରୋନା ପଜେଟିଭ୍ ସଂଖ୍ୟା ଦୈନଦିନ ବୃଦ୍ଧି ପାଉଥିବାରୁ ୧୫ ଦିନ ହେଲା କାତପଡା ଗ୍ରାମକୁ କଂଟେନମେଂଟ ଜୋନରେ ରଖାଯାଇଛି । ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, କଣାସ ଥାନା ଆଇ.ଆଇ.ସି ତପନ ରାଉତ ଏବଂ ଗଡିଶାଗୋଦା ଥାନା ଆଇ.ଆଇ.ସି ନାରାୟଣ ଚନ୍ଦ୍ର ଲେଙ୍କା ଦିନରାତି ଆମାନିଆଙ୍କୁ ଶାସନ କରିବା ପାଇଁ ଘୁରି ବୁଲିଥିଲେ ମଧ କରୋନା ପଜେଟିଭ୍ ସଂଖ୍ୟା ଥମୁନଥିବାରୁ ଅଧିକାରୀମାନଙ୍କ ମନରେ ଉଦବେଗ ପ୍ରକାଶ ପାଉଛି ।

## ତୁମୁଡ଼ିବନ୍ଧ ବ୍ଲକରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର :୪୧ ୟୁନିଟ ରକ୍ତ ସଂଗୃହୀତ

କନ୍ଧମାଳ,୨୭/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକରେ ଆଜି ବୁଧବାର ସ୍ଥାନୀୟ ଡାକ ବଙ୍ଗଳାରେ ପୂର୍ବାହ୍ନ ୯ଘ. ଠାରୁ ଅପରାହ୍ନ ୨ଘ. ପର୍ଯ୍ୟନ୍ତ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଏକ ଜୀବନ ବିନ୍ଦୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କରୋନାର ଦିଦ୍ୱୀୟ ଲହର ସମଗ୍ର ବିଶ୍ୱ ତଥା ଆମରାଜ୍ୟରେ ତାର ଭୟାନକ କାୟା ବିସ୍ତାର କରି ଚାଲିଥିବା ବେଳେ ସମଗ୍ରରାଜ୍ୟରେ କରୋନା ସଂକ୍ରମଣ କୁ ରୋକିବା ପାଇଁ ତାଲାବନ୍ଦ, ସମ୍ପୂର୍ଣ୍ଣବନ୍ଦ ଇତ୍ୟାଦି କଟକଣା ଜାରି ରହିଛି। ଯାହାଫଳରେ ଏହି ସଂକଟ ସମୟରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଏଭଳି ରକ୍ତ ଅଭାବ ଜନିତ ସମସ୍ୟାକୁ ଦୁର କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ଯୁବ ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସଂମ୍ପାଦକ ଚିନ୍ମୟ ସାହୁ ଏବଂ ସ୍ଥାନୀୟ ଯୁବ ନେତା ଅଶ୍ୱିନୀ ସାହୁଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କୋଭିଡ ନିୟମ ପ୍ରକାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଡାକ୍ତରୀ ଦଳ ଆସି ସ୍ୱେଚ୍ଛାସେବୀଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । କରୋନା ଜନିତ ସମସ୍ତ ପ୍ରକାର ସର୍ତକତା ମୁଳକ ପଦକ୍ଷେପ ଗ୍ରହଣ କରାଯାଇ ଏହି ଶିବିର ଆୟୋଜନ ହୋଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଚକ୍ରମଣି କହଁର, ପୁର୍ବତନ ବିଧାୟକ ରାଜୀବ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ବାସନ୍ତି ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପାତ୍ର, ସରପଂଚ ମୟନ୍ତି ପାଟମାଝୀ, ତୁମୁଡ଼ିବନ୍ଧ ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ସାହୁ, ବିଧାୟକ ପ୍ରତିନିଧି ଶ୍ୟାମସୁନ୍ଦର ବଡସେଟ୍, ସଞ୍ଜିବ ବରାଡ ଏବଂ ତୁମୁଡିବନ୍ଧ ବ୍ଲକର ଅନ୍ୟାନ୍ୟ ସମସ୍ତ ବିଜେଡି କର୍ମକର୍ତା ଉପସ୍ଥିତ ଥିଲେ।

## ରେଷ୍ଟୁରାଂଟରେ ମଦ କାରବାର, ସିଲ୍ କଲା ପ୍ରଶାସନ : କଟକଣା ଖିଲାପକାରୀ ଦୋକାନୀମାନଙ୍କ ନିକଟରୁ ୩୨ ହଜାର ଜୋରିମାନା ଆଦାୟ

ଗଞ୍ଜାମ,୨୭/୫ (ନି.ପ୍ର): କରୋନା ସଂକ୍ରମଣ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଲକ୍ ଡାଉନ୍ ଓ ସଟ୍ ଡାଉନ୍ ଭଳି ବ୍ୟାପକ ପଦକ୍ଷେପ ସତ୍ତ୍ୱେ ଅନେକ ବ୍ୟବସାୟୀ ଚୋରାରେ ମଦ କାରବାର ଜାରୀ ରଖିଛି । ଏଭଳି ସ୍ଥିତିରେ ଭଞ୍ଜନଗର ଉପଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ଭଞ୍ଜନଗର ସହରର ମୁଖ୍ୟ ରାସ୍ତାରେ ଥିବା ଏକ ରେଷ୍ଟୁରାଂଟରେ ଚଢ଼ଉ କରାଯାଇ ସେଠାରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଛି । ତହସିଲଦାର ଆଲୋକ ପ୍ରଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ଓ ଥାନା ଅଧିକାରୀ ସୁଦୀପ୍ତ ସାହୁ ମିଳିତ ଭାବେ ଚଢ଼ଉ କରି ସେଠାରୁ ୪୨ ଲିଟର ବିୟର୍ ଓ ୨୧ ଲିଟର ବିଦେଶୀ ମଦ ଜବତ କରି ଅବକାରୀ ବିଭାଗ ହସ୍ତାନ୍ତର କରିଛନ୍ତି । ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧିକାରୀ ପାର୍ଥ ସାରଥୀ ରାଉତ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏନଏସି ପକ୍ଷରୁ ଉକ୍ତ ରେଷ୍ଟୁରାଂଟକୁ ସିଲ୍ କରାଯାଇଛି । ଏହା ବ୍ୟତୀତ ଲକ୍ ଡାଉନ୍ ସମୟରେ ଖୋଲା ରହିଥିବା ଦୋକାନ ଗୁଡିକ ଉପରେ ଚଢ଼ଉ କରାଯାଇ ଏହି ଦୋକାନୀ ମାନଙ୍କ ନିକଟରୁ ୩୨ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

## ପତଳା ହେବାକୁ ଚାହାଁନ୍ତି ତ ଆଳୁ ଖାଆନ୍ତୁ



ସାଧାରଣତଃ ଲୋକେ କଥା ହେବାର ଆମେ ଶୁଣିଛେ ଯଦି ଓଜନ କମାଇବାକୁ ଚାହୁଁଛ ତେବେ ଆଳୁ ଖାଇବା କମ କରିଦିଅ । ହେଲେ ଆଜି ଆମେ ଏହା କହିବାକୁ ଚାହୁଁଛୁ ଯେ, କୌଣସି ବ୍ୟକ୍ତି ଲଗାତାର ୫ଦିନ ପାଇଁ ନିୟମିତ କେବଳ ଆଳୁ ଖାଆନ୍ତି ତେବେ ତାଙ୍କର ମଧ ଓଜନ କମିବ । ମଲିକ୍ୟୁଲାର ଅଫ ନ୍ୟୁଟ୍ରିସନ ଆଣ୍ଡ ଫୁଡ ରିସର୍ଚ୍ଚ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଯଦି ଆପଣ ପତଳା ହେବାକୁ ଚାହାଁନ୍ତି ତେବେ ଦୈନିକ ଆଳୁ ଖାଆନ୍ତୁ । ଖାଲି ଏତିକି ନୁହେଁ ଯଦି ଆପଣ ୫ଦିନ ଧରି ପଟାଟୋ ଡାଏଟ ଫଲୋ କରିବେ ତେବେ ଆପରଙ୍କ ଓଜନ କିଛି କେଜି ହ୍ରାସ ଘଟିବ । ଏହା ଏଥିପାଇଁ ଯେ, ଆଳୁ ଖାଇବା ଦ୍ୱାରା ଭୋକର ଅନୁଭବ ହେବନାହିଁ । ଯାହାଫଳରେ ଓଭର ଡାଇଟିଂରୁ ଆପଣ ଏହା ଏପରି ଏକ ଷ୍ଟାର୍ଚ୍ଚଫୁଡ୍ ଅଟେ ଯେଉଁଥିରେ କମ୍ପେଲକ୍ସ କାର୍ବୋହାଇଡ୍ରେଟ୍ ଅଧିକ ଥାଏ ,ବଂ କ୍ୟାଲୋରି କମ ଥାଏ । ଏଥିସହ ମେଟାବୋଲୀଜିମ ବୃଦ୍ଧି ସହ ଓଜନ ନିୟନ୍ତ୍ରଣରେ ଆଳୁ ସହଯୋଗ କରିଥାଏ । ଗୋଟିଏ ଆଳୁରେ ୧୬୮ କ୍ୟାଲୋରି ରହିଥିଲା ବେଳେ ସିଝା ଆଳୁରେ ଏହି ମାତ୍ରା ବ୧ବବ୦୦କୁ ଆସିଥାଏ । ଯଦି ଆପଣ ଦିନକୁ ୧୦ଟି ଆଳୁ ଖାଉଛନ୍ତି ତେବେ ଅନ୍ୟ ଖାଦ୍ୟ ତୁଳନାରେ ଆପଣଙ୍କ ଶରୀରକୁ କମ କ୍ୟାଲୋରି ଯିବ, ଆପଣ ମଧ ସୁସ୍ଥ ରହିବେ । ଆଳୁରେ ଫାଇବର, ପ୍ରୋଟିନ ସହ ଭିଟାମିନ ବି, ସି, ଆଇରନ, କ୍ୟାଲିସିୟମ, ମାଙ୍ଗାନିଜ, ଫସଫରସ ଆଦି ପୋଷକତତ୍ୱ, ମଧ ଆଦି ରହିଛି । ଯଦି ଆପଣ ଦୁଇ ତିନିଟି ଆଳୁକୁ ସିଝାଇ ଚୋପା ସହ କିଛି ଦହି ମିଶାଇ ଖାଆନ୍ତି ତେବେ ଏହା ଏକ ସମ୍ପୂର୍ଣ୍ଣ ମିଲ ଭାବେ କାମ ଦେଇଥାଏ । ସିଝା ଆଳୁ ଶରୀର ପାଇ: ଫାଇଦା ହୋଇଥିଲା ବେଳେ ତେଲ, ମସଲା ଯୁକ୍ତ ଆଳୁ ନିୟମିତ ଖାଇଲେ ଶରୀରକୁ କ୍ଷତି ପହଞ୍ଚିଥାଏ ।

## ଶରୀରକୁ ଦିଅନ୍ତୁ ପୋଷଣ



**ଆୟୁର୍ବେଦ ଅନୁସାରେ, ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଥିଲେ ପ୍ରଥମେ ଉତ୍ତମ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ । ଏହା ସହ ଭୋଜନର ନିର୍ଦ୍ଦିଷ୍ଟ ସମୟ ରଖିବା ମଧ ଜରୁରୀ ।**

♦ ମୁମ୍ବାଇର ଖାଦ୍ୟ ବିଶେଷଜ୍ଞ ପ୍ରତିମା ଜେସ୍ୱାଲ୍‌ଙ୍କ ମତରେ ସୂଯ୍ୟୋଦୟର ପରେ ଆମ ଶରୀରକୁ ମଧ ଶକ୍ତି ମିଳେ । ଏଇ ସମୟରେ ଆମେ ବିଭିନ୍ନ ପ୍ରକାର ଭୋଜନ କଲେ ମଧ ତାହା ହଜମ ଶୀଘ୍ର ହେଇଥାଏ । ସୂଯ୍ୟାସ୍ତ ପରେ ପରେ ଶରୀରର ପାଚନ ତନ୍ତ୍ରର ଶକ୍ତି ମଧ ହ୍ରାସ ପାଉଥିବାର ବିଶେଷଜ୍ଞଙ୍କ ମତ ।

♦ ସକାଳୁ ଉଠିବାର ମଧ ଘଣ୍ଟା ମଧରେ ଜଳଖିଆ ଖାଇନେବା ଉଚିତ । ଅଧିକ ସମସ୍ୟା ଭୋକିଲା ରହିଲେ ଅମ୍ଳ ସମସ୍ୟା ହୋଇଥାଏ । ଶଯ୍ୟା ତ୍ୟାଗର ୫.୭ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ ପାଣି ପିଅନ୍ତୁ ।

♦ ଦ୍ୱିପହର ଭୋଜନ ଦିନ ୧୨ଟାରୁ ୨ଟା ମଧରେର କରିନେବା ଆବଶ୍ୟକ । ଜଳଖିଆ ଓ ଦ୍ୱିପହର ଭୋଜନ ମଧରେ ୪ ଘଣ୍ଟାରୁ ଅଧିକ ବ୍ୟବଧାନ ରଖିବା ଭଲ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଶରୀରକୁ ଭୋକିଲା ରଖି କଷ୍ଟ ଦିଅନ୍ତୁ ନାହିଁ । ସମୟକ୍ରମେ ଏହା ଆପଣଙ୍କ ଶରୀରକୁ ଦୁର୍ବଳ କରିଥାଏ ।

♦ ରାତ୍ରିଭୋଜନ ମଧ ସେଇ ଅନୁରୂପ ଶୀଘ୍ର ହେବା ଉଚିତ । ଯେତେ ଶୀଘ୍ର ଖାଇବେ, ତାହା ଆପଣଙ୍କ ପାଇଁ ସେତେ ଭଲ ।

## ଇକୋ ଗାଁ ମୁଦୁଲିଗାଡ଼ିଆ




ଦିନେ କାଠମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡୁଥିବା ଗାଁ ଆଜି ଓଡ଼ିଶାର ଏକ ମଡେଲ୍ ଗାଁ ଭାବେ ପରିଚିତ । କାରଣ ଇକୋ ଗାଁର ମାନ୍ୟତା ପାଇଛି ଏହି ଗାଁ ଯାହାର ନାଁ ମୁଦୁଲିଗାଡ଼ିଆ । ଇଚ୍ଛାଶକ୍ତି ଏବଂ ଭିନ୍ନ କିଛି କରି ଦେଖାଇବାର ଆଗ୍ରହରେ ଏହି ଗାଁର ଲୋକମାନେ ନିଜ ନିଜର ମାଟି ଘରକୁ ଆକର୍ଷଣୀୟ ରୂପ ଦେଇଛନ୍ତି । ନିଜ ପରମ୍ପରା, କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ଯାଇ ଘରର କାନ୍ଥରେ ଆଙ୍କିଛନ୍ତି ପାରମ୍ପରିକ ଅନେକ ଆକର୍ଷଣୀୟ ଚିତ୍ରକଳା । ଗାଁକୁ ପ୍ରବେଶ କଲା ମାତ୍ରେ ଆଖିରେ ପଡ଼ିବ ଏହାର ଦୁଇପଟେ ଚାରା ରୋପଣ କରାଯାଇ ସବୁଜ ବନାନୀ ସୃଷ୍ଟି କରାଯାଇଛି । କେବଳ ଏତିକି ନୁହେଁ, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଡଷ୍ଟବିନ୍ ବ୍ୟବହାର ମଧ କରାଯାଇଛି । ଏହା ବ୍ୟତୀତ ଆଉ ଏକ ଉଲ୍ଲେଖନୀୟ କଥା ହେଉଛି ଗାଁର ଲୋକମାନେ ସଂପୂର୍ଣ୍ଣ ଗାଁଟିକୁ ଶତ ପ୍ରତିଶତ ପ୍ଲାଷ୍ଟିକ୍ ମୁକ୍ତ କରିପାରିଛନ୍ତି । ନୟାଗଡ଼ ଜିଲ୍ଲା ସାତକୋଶିଆ ଗଣ୍ଡ ନିକଟରେ ରହିଛି ଏହି ଗାଁ । ଏହା ବଡ଼ମୂଳ ପରିବେଶ ପର୍ଯ୍ୟଟନସ୍ଥଳ ପାଖରୁ ପ୍ରାୟ ୨ କିମି ଦୂରରେ ଅବସ୍ଥିତ । ଦିନେ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଏବେ ନିଜ ପେଟପାଟଣା ପାଇଁ ଜୈବିକ ଚାଷକୁ ଗୁରୁତ୍ୱ ଦେଉଛନ୍ତି । କୀଟନାଶକ ବ୍ୟବହାର କରିବା ପରିବର୍ତ୍ତେ ଗାଈରର ଗୋବରରୁ ଖତ ପ୍ରସ୍ତୁତ କରି ସେମାନେ ଚାଷ ଜମିରେ ଉପଯୋଗ କରୁଛନ୍ତି । ପୂଜା ପାଇଁ ମଧ ସେମାନେ ଗୋଟିଏ ସ୍ଥାନରେ ପୂଜାସ୍ଥଳ ତିଆରି କରିଛନ୍ତି । ଏ ସଂପର୍କରେ ମୁଦୁଲିପଡ଼ା ଗାଁର ଲୋକେ କୁହନ୍ତି ଗତବର୍ଷ ଏହି ଗାଁକୁ ଦେଶ ବିଦେଶର ଅନେକ ପର୍ଯ୍ୟଟକ ବୁଲି ଆସିଥିଲେ । ସେମାନେ ଗାଁଟି ବୁଲି ଦେଖିବା ପରେ ଏହାକୁ ଓଡ଼ିଶାର ଏକ ମଡେଲ ଗାଁ ବୋଲି ଅବିହିତ କରିବା ସହିତ ଗ୍ରାମବାସୀଙ୍କ ପ୍ରୟାସକୁ ମୁକ୍ତକଣ୍ଠରେ ପ୍ରଶଂସା ମଧ କରିଥିଲେ । ଏଠାରେ ଗୋଟିଏ କଥା ସୂଚାଇ ଦିଆଯାଇପାରେ ଯେ ଏହି ଗାଁକୁ ପର୍ଯ୍ୟଟକ ଆସିବା ଦ୍ୱାରା କେବଳ ଗାଁଟି ଦେଶ ବିଦେଶରେ ପରିଚିତ ହୋଇପାରି ନାହିଁ । ବରଂ ଗ୍ରାମବାସୀଙ୍କ ଆର୍ଥିକ ଅବସ୍ଥାରେ ମଧ କେତେକାଂଶରେ ସୁଧାର ଆସିପାରିଛି । ଜଙ୍ଗଲ ବିଭାଗ ସହାୟତାରେ ମୁଦୁଲିପଡ଼ାର ଲୋକମାନେ ଉନ୍ନତ ଜୀବନଧାରଣ କରିବାର ସୁଯୋଗ ପାଇ ପାରିଛନ୍ତି । ଗାଁର ଲୋକମାନେ ଏବେ ଆଉ ପେଟପାଟଣା ପାଇଁ କେବଳ ଜଙ୍ଗଲ ଉପରେ ନିର୍ଭର କରୁନାହାନ୍ତି । ପରିବେଶ ପର୍ଯ୍ୟଟନ ପ୍ରକଳ୍ପ ଯୋଗୁଁ ଗାଁ ଲୋକଙ୍କ ଜୀବନଧାରଣର ମାନରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ବାହାର ଦୁନିଆର ଲୋକମାନେ ଏହି ଗାଁ ଏବଂ ଏଠାକାର ବାସିନ୍ଦା, ପରିବେଶ ଓ ପ୍ରକୃତିକୁ ଚିହ୍ନିବାର ସୁଯୋଗ ପାଇଛନ୍ତି । ବିଗତ ୩ ବର୍ଷ ମଧରେ ଏହି ଗାଁ ପ୍ରାୟ ୨ କୋଟି ଟଙ୍କ ଆୟ କରିପାରିଛି । ଏହା ବ୍ୟତୀତ ଗାଁର ପ୍ରତି ପରିବାର ମାସିକ ୧୫ ହଜାର ଟଙ୍କା ଆୟ କରିବାରେ ସମର୍ଥ ହୋଇ ପାରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗାଁକୁ ପାଖାପାଖି ୧୦ ନିୟୁତ ପର୍ଯ୍ୟଟକ ଆସିଥିବାର ଜାଣିବାକୁ ମିଳିଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଗଠନ କରିଥିଲେ । ଗାଁରେ ରହୁଥିବା ୩୫ଟି ପରିବାରର ଲୋକମାନେ କିପରି ଆତ୍ମନିର୍ଭରଶୀଳ ହେବେ ଓ ଗାଁରେ କିପରି ବର୍ଜ୍ୟବସ୍ତୁ ପରିଚାଳନା କରାଯାଇପାରିବ ଏବଂ ପ୍ଲାଷ୍ଟିକର ବ୍ୟବହାରକୁ ରୋକାଯାଇପାରିବ ତାହା ହିଁ ଥିଲା ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ । ମୁଦୁଲିଗାଡ଼ିଆର ସ୍ୱାତନ୍ତ୍ୟ ହେଉଛି ଏହି ଛୋଟ ଗାଁଟି ସ୍ଥାନୀୟ ଲୋକଙ୍କ ତତ୍ତ୍ୱାବଧାନ ଓ ଉଦ୍ୟମରେ ଇକୋ ଗାଁରେ ପରିଣତ ହୋଇପାରିଛି । ଇକୋ-ଟୁରିଜିମ୍‌ର ଏହି ଓଡ଼ିଶା ମଡେଲ ପ୍ରକଳ୍ପ ଏକମାତ୍ର ପ୍ରକଳ୍ପ ଯାହା କି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । କେବଳ ସେତିକି ନୁହେଁ ଏଥିରୁ ଆଦାୟ ହେଉଥିବା ରାଜସ୍ୱର ୮୦ ପ୍ରତିଶତ ପ୍ରତ୍ୟେକ୍ଷ ଭାବେ ଲୋକଙ୍କ ପାଖକୁ ଯାଇଥାଏ । ବଳକା ୨୦ ପ୍ରତିଶତ ରାଜସ୍ୱରେ ପର୍ଯ୍ୟଟନସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯାଇଥାଏ ।



## ପୋଦିନା ଚାର ଉପଯୋଗିତା



ସ୍ୱାସ୍ଥ୍ୟ ବର୍ଦ୍ଧକ ପୋଦିନା ପତ୍ର ବିଭିନ୍ନ ଭାରତୀୟ ବ୍ୟଞ୍ଜନରେ ବ୍ୟବହୃତି ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ତଥ୍ୟ ଅନୁସାରେ ପ୍ରତ୍ୟହ ସକାଳେ ପୋଦିନା ଚା ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଅମ୍ଳରୋଗୀଙ୍କ ପାଇ ଏହା ଏକ ମହୌଷଧି ହୋଇଥିଲାବେଳେ ଓଜନ ନିୟନ୍ତ୍ରଣରେ ମଧ ଏହା ସହାୟକ । ପେଟର ଚର୍ବି କମ କରିବାକୁ ଚାହୁଁଥିବା ଲୋକେ ପୋଦିନା ଚା ପିଇବା ଉଚିତ । ପୋନିାରେ ଥିବା ମେନ୍ଥଲ, ମେଥୋନ, ମିଥାଇଲ ଆସିଟେଟ ଆଦି ତତ୍ତ୍ୱ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ପୋଦିନା ଚା ପେଟ ସଫା ରଖିବା ସହ ମସ୍ତିଷ୍କକୁ ଶାନ୍ତ ରଖିଥାଏ ବୋଲି ବିଷେଶଜ୍ଞ ପ୍ରକାଶ କରିଛନ୍ତି ।

## ପାଉଁଶରୁ ଭୂକମ୍ପରୋଧୀ କଂକ୍ରିଟ



ଅଷ୍ଟ୍ରେଲିଆର ସ୍ୱିନ୍‌ବର୍ଗ ୟୁନିଭର୍ସିଟିର ବୈଜ୍ଞାନିକମାନେ ପରିବେଶ ଅନୁକୂଳ ମୋଡ଼ି ହେଉଥିବା କଂକ୍ରିଟ ନିର୍ମାଣ କରିଛନ୍ତି, ଯାହା ଭୂକମ୍ପ ପ୍ରଭାବରେ ଧ୍ୱଂସ ହେବାରୁ ଅଟ୍ଟାଳିକାଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବ । ଅଟ୍ଟାଳିକାରେ ସୃଷ୍ଟ ଫାଟରୁ ମଧ ରକ୍ଷା କରିବ । ଗବେଷକମାନେ କୋଇଲା ପାଉଁଶରୁ ଏହି ଉପକରଣ ନିର୍ମାଣ କରିଛନ୍ତି । କୋଇଲାଚାଳିତ ପାୱାରର ଷ୍ଟେସନ୍‌ରୁ ସେମାନେ ପାଉଁଶ ସଂଗ୍ରହ କରି ତାକୁ କଂକ୍ରିଟରେ ରୂପାନ୍ତରିତ କରିଛନ୍ତି । ଜାପାନ, ନ୍ୟୁଜିଲ୍ୟାଣ୍ଡ ଭଳି ଭୂକମ୍ପପ୍ରବଣ ଦେଶ ପାଇଁ ଏହି କଂକ୍ରିଟ ଉପଯୁକ୍ତ । ଏଠାରେ ପ୍ରାୟ ସବୁଦିନ ଲୋକେ ଛୋଟ ବଡ଼ ଭୂକମ୍ପ ସାମ୍ନା କରନ୍ତି । ଗବେଷକମାନେ କ୍ୱିନ୍‌ସଲ୍ୟାଣ୍ଡ ସ୍ଥିତ ଗ୍ଲାଡଷ୍ଟୋନ୍ ଥର୍ମାଲ୍ ପାୱାର ଷ୍ଟେସନରୁ ଉପଲବ୍ଧ ପାଉଁଶରୁ ପ୍ରସ୍ତୁତ କଂକ୍ରିଟ ଭାରି ଓଜନ ଦ୍ୱାରା ବଙ୍କା ହେବାର ଭିଡିଓ ଜାରି କରିଛନ୍ତି । ଏହାକୁ 'ଇଞ୍ଜିନିୟର୍ଡ ଜିଓପଲିମର କମ୍ପୋଜିଟ୍' ଭାବେ ସମ୍ବୋଧନ କରାଯାଇଛି । ପ୍ରୟୋଗଶାଳାରେ କରାଯାଇଥିବା ପରୀକ୍ଷାରେ ଫଳାଫଳ ଅନୁସାରେ, ସାଧାରଣ କଂକ୍ରିଟ ଅପେକ୍ଷା ଏହି ନୂଆ କଂକ୍ରିଟ ପ୍ରାୟ ୪୦୦ ଗୁଣ ଅଧିକ ବଙ୍କା ହୋଇପାରିବ । ଏହାର ସାମର୍ଥ୍ୟ ସାଧାରଣ କଂକ୍ରିଟ ଭଳି ବୋଲି ମେଲବର୍ନ ସ୍ଥିତ ସ୍ୱିନ୍‌ବର୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ସାଇନ୍ସ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଗବେଷକ ବେହଜାଡ୍ ନେମାଟୋଲ୍ଲାହି କହିଛନ୍ତି । ଅଟ୍ଟାଳିକା, ପୋଲ ଓ ସୁଡ଼ଙ୍ଗ ଆଦି ନିର୍ମାଣ କ୍ଷେତ୍ରରେ ଏହି କଂକ୍ରିଟ ବିଶେଷ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବ । ପାରମ୍ପରିକ କଂକ୍ରିଟ କେବଳ ପ୍ରସାରିତ କିମ୍ବା ବଙ୍କା ହେବା ଦ୍ୱାରା ନଷ୍ଟ ହୋଇଯାଏ ତାହା ନୁହେଁ, ବରଂ ପ୍ରଚୁର ଅଙ୍ଗାରକାମ୍ଳ ମଧ ଉତ୍ପନ୍ନ କରେ । କାରଣ ସିମେଣ୍ଟ ପ୍ରସ୍ତୁତିରେ ଉଚ୍ଚ ତାପମାତ୍ରାରେ ଚୂନପଥର ଗରମ କରିବାକୁ ପଡ଼େ, ଯାହା ଅଙ୍ଗାରକାମ୍ଳ ଉତ୍ପନ୍ନ କରେ । ତେଣୁ ଏହି ପ୍ରକ୍ରିୟାରେ ଉଦ୍ୟୋଗମାନଙ୍କରୁ ନିର୍ଗତ ବର୍ଜ୍ୟ ସାମଗ୍ରୀ ବ୍ୟବହାର ଯଥେଷ୍ଟ ନିର୍ଗତ ବର୍ଜ୍ୟ ସାମଗ୍ରୀ ବ୍ୟବହାର ଯଥେଷ୍ଟ ବେଶି ସ୍ଥାୟିତ୍ୱର ପ୍ରମାଣ ମିଳିଛି ବୋଲି ଗବେଷକମାନେ କହିଛନ୍ତି । ସେମାନେ କ୍ୱିନ୍ସଲ୍ୟାଣ୍ଡର ଗ୍ଲାଡଷ୍ଟୋନ୍ ପାୱାର ଷ୍ଟେସନରୁ ନିର୍ଗତ ନିମ୍ନ କ୍ୟାଲସିୟମ୍‌ଯୁକ୍ତ କୋଇଲା ପାଉଁଶ ବ୍ୟବହାର କରିଥିଲେ । ଏଥିସହ ଦୁଇ ପ୍ରକାର ମୂଳ ଧାତୁ- ଦ୍ରବୀଭୂତ ଓ ୱେଲଡିଂରେ ବ୍ୟବହୃତ ଏକ କାଚ ଭଳି ଉତ୍ପାଦ ବ୍ୟବହାର କରିଥିଲେ । ଅନ୍ୟ ନମନୀୟ କଂକ୍ରିଟ ଉତ୍ପାଦନ ପଦ୍ଧତି ତୁଳନାରେ ମୋଡ଼ି ହେଉଥିବା କଂକ୍ରିଟ ନିର୍ମାଣରେ ୩୬ ପ୍ରତିଶତ କମ୍ ଶକ୍ତି ଏବଂ ୭୬ ପ୍ରତିଶତ କମ୍ ଅଙ୍ଗାରକାମ୍ଳ ଉତ୍ପନ୍ନ ହୁଏ ।



## ସୁଜି ବରଫି



ବରଫି କହିଲେ ସାଧାରଣତଃ ବେସନ କି କାଜୁ ବରଫି ବୋଲି ଲୋକେ ବୁଝିଥାଆନ୍ତି । କିନ୍ତୁ ସୁଜିରେ ମଧ ବରଫି ତିଆରି ହୋଇପାରିବ । କାଜୁ ଓ ବେସନ ବରଫି ଭଳି ସୁଜିରେ ତିଆରି ବରଫି ଅଧିକ ଦିନ ପର୍ଯ୍ୟନ୍ତ ରହିପାରିବ । ଭାଗମାପ ଠିକ୍ ରହିଲେ ଏହା ଖାଇବାକୁ ସୁଆଦିଆ ଲାଗିବା ସହିତ ଆପଣ ଚାହିଁଲେ ଏହାକୁ କିଛିଦିନ ଷ୍ଟୋର୍ କରି ରଖିପାରିବେ । ଯେଉଁମାନଙ୍କର ଲାକ୍ଟିକ୍ ଆଲର୍ଜି ଅଛି ସେମାନେ ଏହି ବରଫିକୁ ଆରାମରେ ଖାଇପାରିବେ । କାରଣ ସୁଜି ବରଫି ପ୍ରସ୍ତୁତ କଲା ବେଳେ କ୍ଷୀର ଦରକାର ହୋଇନଥାଏ । ଯେଉଁମାନେ ଚାହିଁବେ ସେମାନେ ମିଶାଇ ପାରିବେ । ଉତ୍ତର ଭାରତୀୟ ଲୋକମାନେ ସୁଜି ବରଫିକୁ ସାଧାରଣତଃ ଜନ୍ମାଷ୍ଟମୀ ଅବସରରେ ପ୍ରସ୍ତୁତ କରିଥାଆନ୍ତି । ଅନେକ ପୁଣି ତିଜ୍ ଅବସରରେ ଏହି ବରଫି ପ୍ରସାଦ ପାଇଁ ତିଆରି କରିଥାଆନ୍ତି । ସୁଜି ବରଫି ଟିକେ କୁରକୁରିଆ ଲାଗିଥାଏ । ଏହା ତିଆରି କରିବା ସହଜ । ଏହାର ସ୍ୱାଦ ମଧ ଭଲ । ଯଦି ଭାଗ ମାପ ଠିକ୍ ରହିବ ତେବେ ଏହାକୁ ଆପଣ ମାସେରୁ ଅଧିକ ସମୟ ରଖିପାରିବେ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳି ।

**ପ୍ରସ୍ତୁତି :**

ପ୍ରଥମ ଥର ପାଇଁ ତିଆରି କରିବାକୁ ଯାଉଥିଲେ ଏହି ମାପ ଅନୁସରଣ କରନ୍ତୁ । ସୁଜି ୧ କପ (୨୦୦ଗ୍ରାମ), ଚିନି ୩/୪ କପ୍ (୧୫୦ ଗ୍ରାମ), ଘିଅ ୧/୨ କପ୍ (୧୦୦ଗ୍ରାମ), କାଜୁ ୧୦ଟା, ଆଲମଣ୍ଡ ବା ବାଦାମ ୧୦ଟା, ଗୁଜୁରାତି ୪ଟା । ସୁଜି ବରଫି ତିଆରି କରିବା ପାଇଁ ଏକ ପ୍ୟାନରେ ୧/୨ କପ୍ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହେଲା ପରେ ଏଥିରେ ୧ କପ୍ ସୁଜି ଭାଜି ହୋଇଗଲା ପରେ ଏକ ପ୍ଲେଟ୍‌ରେ ବାହାର କରି ଥଣ୍ଡା କରିବାକୁ କିଛି ସମୟ ଛାଡ଼ିଦିଅନ୍ତୁ । ଏଥର ବରଫି ପାଇଁ ସିରା ପ୍ରସ୍ତୁତ କରନ୍ତୁ । ସିରା ତିଆରି କରିବା ପାଇଁ ପ୍ୟାନରେ ୩/୪ କପ୍ ଚିନିରେ ଅଧ କପ ପାଣି ମିଶାଇ ଚିନି ମିଳାଇବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ଏହାପରେ ବରଫି ଜମିବା ପାଇଁ ଏକ ପ୍ଲେଟ୍‌ରେ ଘିଅ ମାରି ଛାଡ଼ିଦିଅନ୍ତୁ । ଏଥର ଚିନି ମିଶିଗଲା କି ନାହିଁ ଦେଖନ୍ତୁ । ଚିନି ମିଶିଯାଇଥିଲେ ଆଞ୍ଚକୁ ହାଲୁକା କରି ହାତରେ ଗୋଲ ଗୋଲ କରି ଟିକେ ଦେଖିନିଅନ୍ତୁ । ଯଦି ଦେଖିବେ ହାତରେ କିଛି ଚିପାଚିପା ଲାଗୁନାହିଁ ତେବେ ଜାଣିବେ ଏହି ମିଶ୍ରଣ ବରଫି ଜମିବା ପାଇଁ ପ୍ରସ୍ତୁତ । ଏଥର ଏହି ମିଶ୍ରଣକୁ ଘିଅ ଲଗାଯାଇଥିବା ପ୍ଲେଟରେ ଢାଳି ଭଲ କରି ସେଟ୍ କରିଦିଅନ୍ତୁ । ଟିକେ ଥଣ୍ଡା ହୋଇଗଲା ପରେ ଯେଉଁଠୁ କାଟିବେ ଛୁରିରେ ଦାଗ ଦେଇଦିଅନ୍ତୁ । ଟିକେ ଥଣ୍ଡା ହୋଇଗଲା ପରେ ଯେଉଁଠୁ କାଟିବେ ସେଠାରେ ଛୁରିରେ ଦାଗ ଦେଇଦିଅନ୍ତୁ । ବରଫି ଥଣ୍ଡା ହୋଇଗଲେ ଛୋଟ ଛୋଟ ଟୁକୁରା କରି କାଟି ଦିଅନ୍ତୁ । ସଂପୂର୍ଣ୍ଣ ଥଣ୍ଡା ହୋଇଗଲେ ଏହାକୁ ଏୟାର ଟାଇଟ୍ କଣ୍ଟେନର୍‌ରେ ଭରି ରଖନ୍ତୁ । ସ୍ୱାଦ ଅନୁସାରେ ଆପଣ ଚିନି ମିଶାଇ ପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନ୍ତିମ ସମୟ...

ମହାମାରୀ କରୋନା ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିବା ଭାରତକୁ ଏବେ ତା'ର ଇପ୍ସିତ ସୁଫଳ ମିଳିବା ଆରମ୍ଭ କରିଥିବା ପରି ପ୍ରତୀୟମାନ ହୁଏ। ଲଗାତାର ଦ୍ୱାଦଶ ଦିନ ପାଇଁ ଦେଶରେ ଏହି ଧାରା ଜାରି ରହିଛି। ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟାଠାରୁ ଏହି ମହାମାରୀରୁ ଆରୋଗ୍ୟ ଲାଭ କରୁଥିବା ଲୋକଙ୍କ ସଂଖ୍ୟା ଏବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦତ୍ତ ସୂଚନା ଅନୁସାରେ ଦେଶରେ ଗତ ଚବିଶ ଘଂଟା ଭିତରେ ୩ ଲକ୍ଷ ୨୬ ହଜାରରୁ ଅଧିକ କରୋନା ଆକ୍ରାନ୍ତ ସଂପୂର୍ଣ୍ଣ ସୁସ୍ଥ ହୋଇଥିବାବେଳେ ଏହି ସମୟ ମଧ୍ୟରେ ୨ ଲକ୍ଷରୁ କମ୍ ନୂତନ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏବେ ଦେଶରେ ଆରୋଗ୍ୟ ହାର ପୁଣି ଥରେ ବୃଦ୍ଧି ପାଇବାକୁ ଆରମ୍ଭ କରିଛି ଏବଂ ତାହା ୮୯.୨୬ ପ୍ରତିଶତ ଛୁଇଁଛି। ଭାରତର ଏହି ସଫଳତାରେ ଆଶ୍ୱସ୍ତି ଲାଭ କରିବାର ଅବସର ଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ନିର୍ଣ୍ଣାୟକ ଯୁଦ୍ଧରେ ବିଜୟଲାଭ ବାକି ଅଛି। ଆରୋଗ୍ୟ ହାର ବୃଦ୍ଧି ପାଇବାର ଗୋଟିଏ କାରଣ ହେଲା ମହାରାଷ୍ଟ୍ର, ଦିଲ୍ଲୀ, ଛତିଶଗଡ଼, ତାମିଲନାଡୁ, ପଂଜାବ, ମଧ୍ୟପ୍ରଦେଶ, ଗୁଜରାଟ ଓ କେରଳ ଭଳି ଦଶଟି ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ଥିଲେ ସୁଦ୍ଧା ସେଠାରେ ଏବେ ତାହା କମିବାର ସୂଚନା ମିଳିଛି। ବିଶେଷକରି ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଏହି ମହାମାରୀକୁ ଅନେକାଂଶରେ ଆୟତ୍ତ କରାଯାଇପାରିଛି। ଏହା ବିରାଟ ଉପଲବ୍ଧି ବୋଲି କୁହାଯାଇପାରେ। ଏବେ ମହାରାଷ୍ଟ୍ର ଓ ଦିଲ୍ଲୀ ମଡେଲକୁ ତେଲଙ୍ଗାନା ଓ ଆଉ କିଛି ରାଜ୍ୟ ଅନୁସରଣ କରୁଛନ୍ତି। ସେହିଭଳି ଅନ୍ୟାନ୍ୟ ରାଜ୍ୟ ଲକ୍‌ଡାଉନ୍ ଅବଧି ବୃଦ୍ଧି ସହ ବ୍ୟାପକ ଟିକାକରଣ, ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଗଠନ, ଟେଷ୍ଟିଂ ଏବଂ ଟ୍ରିଟମେଂଟ ଉପରେ ଗୁରୁତ୍ୱାରୋପ ଏବଂ ଜନସାଧାରଣଙ୍କ ସଚେତନତା ଏବେ କରୋନାର ଅବାଧ ସମ୍ପ୍ରସାରଣ ମାର୍ଗକୁ ନିୟନ୍ତ୍ରଣ କରିଛି। କିନ୍ତୁ ଏହା ମଧ୍ୟ ଏକ ବାସ୍ତବତା ଯେ, ଦେଶରେ କରୋନାଜନିତ ମୃତ୍ୟୁସଂଖ୍ୟା ୩ ଲକ୍ଷକୁ ଅତିକ୍ରମ କରିଛି। ସେହିଭଳି ଏବେ ଦେଶରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୫ ଲକ୍ଷରୁ ଅଧିକ ରହିଛି ଏବଂ ସେମାନଙ୍କ ଆଶୁ ଆରୋଗ୍ୟଲାଭ ଏକାନ୍ତ ଜରୁରି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷାରେ ପ୍ରତ୍ୟେକ ନାଗରିକଙ୍କ ଜୀବନ ମୂଲ୍ୟବାନ ଏବଂ ଦେଶରେ କରୋନାରେ ମୃତ୍ୟୁବରଣ କରୁଥିବା ପ୍ରତ୍ୟେକ ରୋଗୀଙ୍କ ଜୀବନାହାନିରେ ସମସ୍ତଙ୍କର ଅଶ୍ରୁମୋଚନ କରିବା ଆବଶ୍ୟକ। ଯେହେତୁ ଏହା ଏକ ଜାତୀୟ ବିପତ୍ତି ଏବଂ ଏହି ବୈଶ୍ୱିକ ମହାମାରୀ ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିଛି ଓ ଭାରତ ଏବେ ତାହାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହା ବିରୋଧରେ ସଂଗ୍ରାମରେ ସଭିଁଏ ସାମିଲ ହେବାର ଆବଶ୍ୟକତା ରହିଛି। ଏବଂ ଅଦ୍ୟାବଧି ମିଳିଥିବା ସଫଳତା ସେହି ମିଳିତ ସଂଗ୍ରାମର ହିଁ ଫଳଶ୍ରୁତି। କରୋନା ମହାମାରୀର ଲହର ପରେ ଲହର ଆସିବାର ଆଶଙ୍କା କରାଯାଉଛି। ଏହି ମହାମାରୀରୁ ଆହୁରି ଅନେକ ପ୍ରକାର ରୋଗ ଦେଖାଦେଉଥିବା ଶୁଣିବାକୁ ମିଳୁଛି। ଏହା ସତ୍ତ୍ୱେ ବାସ୍ତବତା ହେଉଛି ତାହା ବିରୋଧରେ ଲଢ଼ିବା ଛଡ଼ା ଏଥିରୁ ଉଦ୍ଧାର ପାଇବାର ଅନ୍ୟ କୌଣସି ପନ୍ଥା ନାହିଁ। ଅନ୍ୟ ରାଷ୍ଟ୍ରଙ୍କ ଭଳି ଆମକୁ ମଧ୍ୟ କଠୋର ଶୃଙ୍ଖଳା ଭିତରେ କରୋନାର ଅଦୃଶ୍ୟ ଶୃଙ୍ଖଳକୁ ତୁଟାଇବାକୁ ପଡ଼ିବ। ଅନ୍ୟ ରାଷ୍ଟ୍ରମାନଙ୍କ ପରି ଆମକୁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ ଓ ସକ୍ରିୟ କରିବାକୁ ହେବ। ଟିକାକରଣକୁ ଶତପ୍ରତିଶତ ହାସଲ କରିବାକୁ ପଡ଼ିବ। ତାହା ହେଉଛି ଏଭଳି ମହାମାରୀ ବିରୋଧରେ ବାସ୍ତବ ସଂଗ୍ରାମ ଏବଂ ଏହି ସଂଗ୍ରାମରେ ଆମେ ଏବେସୁଦ୍ଧା ପର୍ଯ୍ୟାପ୍ତ ସଫଳତା ହାସଲ କରିସାରିଛୁ। ତେଣୁ ସଫଳତାର ପ୍ରୋତ୍ସାହିତ ହୋଇ ଏବଂ ଏହାକୁ ମାର୍ଗଦର୍ଶିକା ରୂପେ ଗ୍ରହଣ କରି ଏହି ସଂଗ୍ରାମରେ ଆମକୁ ନିର୍ଣ୍ଣାୟକ ବିଜୟ ହାସଲ କରିବାକୁ ପଡ଼ିବ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାର, ସ୍ଥାନୀୟ ପ୍ରଶାସନ, ଦେଶର ଚିକିତ୍ସାବଳ ଓ ସଂସାଧନ, କରୋନାର ଯୋଦ୍ଧା ଓ ଜନସାଧାରଣ ସଭିଁଏ ସମାନ ଭାବେ ସାମିଲ ହେଲେ ସଫଳତା ସହଜସାଧ୍ୟ ହୋଇପାରିବ। ତେଣୁ ସେହି ସଫଳତା ହାସଲ କରିବା ପର୍ଯ୍ୟନ୍ତ ବିଶ୍ରାମର ଅବସର ନାହିଁ ବୋଲି ସ୍ମରଣ ରଖି ଏହି ପଥରେ ଆଗକୁ ଆଗେଇବାର ଅବସର ଉପସ୍ଥିତ।

## ଭୂତାଣୁ ଜନିତ ମହାମାରୀ ନା ମନୁଷ୍ୟକୃତ ଜୈବିକ ଯୁଦ୍ଧ



ଡକ୍ଟର ଲକ୍ଷ୍ମଣ ସାହୁ

କରୋନା ଭାଇରସରୁ ଉତ୍ପନ୍ନ କୋଭିଡ-୧୯ ମହାମାରୀର ଏହି ଅବଧିରେ ଅନେକ ସନ୍ଦେହ ଜନକ ଘଟଣା ଓ ତଥ୍ୟ ସାମ୍ନାକୁ ଆସୁଛି, ଯାହା ଏବେ ଜାତୀୟ ତଥା ବିଶ୍ୱ ନିରାପତ୍ତା ପାଇଁ ଗୁରୁତର ଆହ୍ୱାନ ଭାବରେ ଠିଆ ହୋଇଛି । କରୋନା ମହାମାରୀ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଥିବା ବ୍ରାଜିଲ ରାଷ୍ଟ୍ରପତି ବୋଲସନାରୋ ଚୀନ୍‌କୁ ସୂଚାଇ କହିଛନ୍ତି ଯେ ଆମେ ଯେଉଁ ଯନ୍ତ୍ରଣା ଭୋଗୁଛୁ, ଏହା ଏକ ଜୈବିକ ଯୁଦ୍ଧର ଅଂଶ ହୋଇପାରେ ? ଅଷ୍ଟ୍ରେଲିଆର ଏକ ଖବରକାଗଜ ମଧ୍ୟ ଚୀନ୍ ସରକାରୀ ଦଲିଲ (ଦସ୍ତାବିଜ) କୁ ନେଇ ଦର୍ଶାଇଛି ଯେ - ଚୀନ୍ କରୋନା ମହାମାରୀ ପୂର୍ବରୁ ଜୈବିକ ଅସ୍ତ୍ର ଭଳି ଜୀବାଣୁ ବ୍ୟବହାର କରିବାର ଉପରେ ଅନୁସନ୍ଧାନ କରିଆସିଛି । ଗତ ଜାନୁଆରୀ ମାସରେ ଆମେରିକାର ବୈଦେଶିକ ବିଭାଗ ୱୁହାନ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ ଚାଲିଥିବା ଅନୁସନ୍ଧାନ ତାର ଗୁପ୍ତ ସାମରିକ କାର୍ଯ୍ୟକଳାପ ଉପରେ ମଧ ସନ୍ଦେହ ସୃଷ୍ଟି କରିଥିଲା । ଏହାପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ଚୀନ୍ ସରକାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛି। ଚାଇନା କରୋନା ଜୀବାଣୁ କିପରି ସୃଷ୍ଟି କରୁଛି ଏହା ଉପରେ ଅନେକ ଦେଶ ପ୍ରଶ୍ନବାଚୀ ସୃଷ୍ଟି କଲେଣି ।

ଏହି ମହାମାରୀର ଦ୍ୱିତୀୟ - ତୃତୀୟ ଲହରରକୁ ନେଇ ବିଶ୍ୱର ଅନ୍ୟ ବଡ ବଡ଼ ଦେଶମାନଙ୍କର ଅଗ୍ରଣୀ ବୈଜ୍ଞାନିକମାନେ ବିଜ୍ଞାନରେ ପ୍ରବନ୍ଧ ଲେଖିବା ଆରମ୍ଭ ହୋଇଛି । ପ୍ରକାଶିତ ପତ୍ରିକାରେ କରୋନା ଜୀବାଣୁ ବିସ୍ତାରର ପରିସ୍ଥିତିକୁ ଗଭୀର ଅନୁସନ୍ଧାନ କରିବାକୁ ଦାବି କରିଛି । ଗତ କିଛି ବର୍ଷ ମଧ୍ୟରେ ଚୀନ୍ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ଜୈବିକ ଅସ୍ତ୍ରର ବ୍ୟବହାର ତଥା ବିକାଶର ବିକାଶ, ଏହାର ଏକ ଉଦାହରଣ ୨୦୧୭ରେ ଚୀନ୍ ପ୍ରତିରକ୍ଷା ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟର ଏକ ଦଲିଲ (ଦସ୍ତାବିଜ)ରୁ ଦେଖିବାକୁ ମିଳିଛି । ଏହା କେବଳ ଜୈବିକ ଅସ୍ତ୍ରଶସ୍ତ୍ରର ବ୍ୟବହାର ଉପରେ ଆଲୋକପାତ କରିନଥିଲା, ବରଂ ଏପରି ଜୈବିକ ଅସ୍ତ୍ରଶସ୍ତ୍ରର ବିକାଶ ବିଷୟରେ ମଧ ଆଲୋଚନା କରିଥିଲା । ଏହା ଜେନେଟିକ କିମ୍ବା ଜାତିଗତ ଆଧାରରେ ଜନସାଧାରଣ ଏବଂ ଜାତୀୟତାକୁ ଟାର୍ଗେଟ କରିପାରେ । ବାସ୍ତବରେ, ଗତ ଶତାବ୍ଦୀର ଶେଷ ଦଶନ୍ଧିରୁ, ଏପରି ଜୈବିକ ଅସ୍ତ୍ର ବିଷୟରେ କଳ୍ପନାଜଳ୍ପନା ଚାଲିଥିବା ଜଣାଯାଇଛି । ଜୀବାଣୁ ଓ ଜୀବାଣୁ ଆକାରରେ ରହି ଏହା ଏକ ଜିନ୍ ଗୋଷ୍ଠୀରୁ ଆସୁଥିବା ଲୋକଙ୍କୁ ପ୍ରଭାବିତ କରିଥାଏ । ଏପରି ପରିସ୍ଥିତିରେ ମହାମାରୀ ଜୀବାଣୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିବ ଯେଉଁଠାରେ ଏକ ନିର୍ଦ୍ଦିଷ୍ଟ ଜେନେଟିକ୍ ଶୃଙ୍ଖଳାର ଲୋକମାନେ ବାସ କରନ୍ତି । ଏହି ଜୀବନ୍ତ ଯୁଦ୍ଧ ହେଉଛି ଯୁଦ୍ଧର ଏକ ଧାରଣା । ଏହା ଅଧିକ ଭୟଭୀତ କରାଏ, କାରଣ ଏହା କେବଳ ଅସ୍ତ୍ରଶସ୍ତ୍ର ଧାରଣ କରିଥିବା ଏକ ନିର୍ଦ୍ଦିଷ୍ଟ ଦେଶକୁ ଜୈବିକ ଅସ୍ତ୍ରଶସ୍ତ୍ରକୁ ଟାର୍ଗେଟ କରିବାର କ୍ଷମତା ଦେଇନାହିଁ । ବରଂ ଜୈବିକ ଅସ୍ତ୍ରଶସ୍ତ୍ର ବ୍ୟବହାର ସହିତ ଜଡ଼ିତ ଦ୍ୱନ୍ଦ୍ୱକୁ ମଧ ଦୂର କରେ ଯାହା କି ବେଳେବେଳେ ସର୍ବେରେ ମହାମାରୀ ଦେଶକୁ ବ୍ୟାପି ନଥାଏ । ଏହା ବଡ଼ ଆଶ୍ଚର୍ଯ୍ୟଜନକ ଯେ କରୋନା ଜୀବାଣୁରୁ ଉତ୍ପନ୍ନ କୋଭିଡ ମହାମାରୀ ଯୁଗରେ ଏପର୍ଯ୍ୟନ୍ତ ଭାରତ ଏହି ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ଆଲୋଚନା କରିନାହିଁ। କିନ୍ତୁ ପାଶ୍ଚାତ୍ୟ ଦେଶ ମାନଙ୍କରେ ଏହି ବିପଦ ବିଷୟରେ ଦୀର୍ଘ ସମୟ ଧରି ଆଲୋଚନା ଓ ସଚେତନତା କରାଯାଇଛି । ୨୦୧୭ ମସିହାରେ ନିଜେ ରୁଷ, ରୁଷର ବିଭିନ୍ନ ଦେଶରେ ବାସ କରୁଥିବା ଲୋକଙ୍କ ବାୟୋ-ନମୁନା ସଂଗ୍ରହ ପାଇଁ ଆମେରିକାର ଅନୁସନ୍ଧାନ ପ୍ରତିଷ୍ଠାନଗୁଡ଼ିକର ତଥାକଥିତ ପ୍ରୟାସକୁ ରୁଷିଆର ରାଷ୍ଟ୍ରପତି ପୁଟିନ୍ ଆପତ୍ତି କରିଛନ୍ତି। ତେବେ, ୨୦୧୭ ରେ ରୁଷ ସରକାର ମାନବ ଟିସୁକୁ ଦେଶ ବାହାରକୁ ଯିବାକୁ ବାରଣ କରିଥିଲେ, କାରଣ ରୁଷିଆର ନାଗରିକମାନଙ୍କୁ ଟାର୍ଗେଟ କରିବା ପାଇଁ ଜୈବିକ ଅସ୍ତ୍ର ତିଆରିରେ ବ୍ୟବହାର କରାଯିବା ଉଚିତ ନୁହେଁ । କୋଭିଡ ମହାମାରୀର ପ୍ରାୟ ଏକ ବର୍ଷ ପୂର୍ବରୁ ଆସିଥିବା କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟର ଏକ ରିପୋର୍ଟ ମଧ ବିଶ୍ୱକୁ ଏ ସଂପର୍କରେ ଦର୍ଶାଇଥିଲା ।

ଜୈବିକ ଅସ୍ତ୍ର ଦ୍ୱାରା ସୃଷ୍ଟି ହେଉଥିବା ବିପଦ ବିଷୟରେ ଚେତାବନୀ ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟ କହିବାନୁସାରେ, ବିଶ୍ୱର ସବୁ ଦେଶର ସରକାର ଜୈବିକ ଅସ୍ତ୍ରଶସ୍ତ୍ର ସହିତ ମୁକାବିଲା କରିବାକୁ ପ୍ରସ୍ତୁତ ହେବା ଉଚିତ, ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ଜିନୋମ ପ୍ରୋଫାଇଲ ଥିବା ଲୋକଙ୍କୁ ଟାର୍ଗେଟ କରିବାର କ୍ଷମତା ରହିଛି । ବାସ୍ତବରେ, ବାୟୋ ଟେକ୍ନୋଲୋଜି କ୍ଷେତ୍ରରେ ବିକାଶ ମଧ ନୂତନ ଜୈବିକ ବିପଦ ସୃଷ୍ଟି କରୁଛି । ଉଦାହରଣ ସ୍ୱରୂପ, ୨୦୧୬ ରେ, ଆମେରିକାର ପ୍ରତିରକ୍ଷା ଅନୁସନ୍ଧାନ ଏଜେନ୍ସି ଡ୍ରପା ଆକ୍ଟ ଆଲିଜ୍ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା, ଯେଉଁଥିରେ କୀଟନାଶକ ଫସଲକୁ ଜୀବାଣୁ ମୁକ୍ତ କରି ହେବ, ଏବଂ ଉଦ୍ଭିଦଗୁଡ଼ିକର ଜିନ୍ ଗଠନକୁ ପରିବର୍ତ୍ତନ କରି ରୋଗର ମୁକାବିଲା କରିବାରେ ସକ୍ଷମ କରାଯାଇପାରିବ । ଯଦି ଦେଖାଯାଏ, ଏହି ଟେକ୍ନୋଲୋଜିର ସାହାଯ୍ୟରେ, ଏହିପରି ଜୀବାଣୁ କୀଟପତଙ୍ଗ ମାଧ୍ୟମରେ ମଧ ମୁକ୍ତ ହୋଇପାରନ୍ତି । ଯାହା ଫଳରେ ଫସଲ ପୂର୍ବବତ୍ ବହୁ ପରିମାଣରେ ଆଉ ନଷ୍ଟ ହେବନାହିଁ । ହୁଏତ ଏହା ମାଧ୍ୟମରେ ଗୋଟିଏ ଦେଶ ଅନ୍ୟ ଦେଶରେ କୃତ୍ରିମ ଦୁର୍ଭିକ୍ଷ ପରି ପରିସ୍ଥିତି ସୃଷ୍ଟି କରିପାରେ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଦେଶର ଫସଲକୁ ନିମ୍ନ ମାନର କରିପାରେ । ଏହା ଚିନ୍ତାର ବିଷୟ ଯେ ଏଭଳି ସଂଦେହ ମୂଳକ - ଜୈବିକବ୍ୟବହାର ପ୍ରଯୁକ୍ତିର ନିୟନ୍ତ୍ରଣ ପାଇଁ ବର୍ତ୍ତମାନ କୌଣସି ଆନ୍ତର୍ଜାତୀୟ ଯନ୍ତ୍ର ନାହିଁ ।

ପରମାଣୁ ଯୁଦ୍ଧର ଧମକ ଉପରେ ବିଶ୍ୱରେ ଏତେ ଧ୍ୟାନ ଦିଆଯାଇଛି । କିନ୍ତୁ ଜୈବିକ ଯୁଦ୍ଧର ବିପଦକୁ ମୁକାବିଲା କରିବା ପାଇଁ ବହୁତ କମ୍ ପଦକ୍ଷେପ ନିଆଯାଇଛି । ଭାରତର ଆଣବିକ ତତ୍ତ୍ୱକୁ ଅନୁଧ୍ୟାନ କଲେ ବୁଝି ହେବ ଯେ, ଭାରତ ମଧ ଏହି ଜୈବିକ ଆକ୍ରମଣ ବିଷୟରେ କଥାବାର୍ତ୍ତା ଓ ଅନୁସନ୍ଧାନ କରୁଛି । କିନ୍ତୁ ଜୈବିକ ଆକ୍ରମଣ କିଏ କରିଛି କିମ୍ବା କରି ନାହିଁ ତାହା ଏପର୍ଯ୍ୟନ୍ତ ସଠିକ୍ ଭାବରେ ଜଣା ପଡି ନଥିବା ବେଳେ ଏପରି ପରିସ୍ଥିତିରେ କ'ଣ ଘଟିବ, ବର୍ତ୍ତମାନ ତାହା କହିବା ସହଜ ନୁହେଁ । ଭାରତ ଏହି ଜୈବିକ ଆକ୍ରମଣର ଜବାବ ଦେବା ସ୍ଥିତିରେ ଅଛି । କଣ୍ଟାକୁ କଣ୍ଟାରେ କାଢ଼ିବା ଦରକାର । ଯାହା କେବଳ ଆକ୍ରମଣକାରୀ ଦେଶକୁ ଟାର୍ଗେଟ କରେ ଏବଂ ସମଗ୍ର ବିଶ୍ୱରେ ତଥା ଭାରତରେ ଏହି ଜୀବାଣୁ ବିସ୍ତାର କରିବାର ବିପଦରେ ନାହିଁ । ଯଦି ଡବଲ ଫ୍ରଣ୍ଟରେ ଯୁଦ୍ଧ ହୁଏ ଓ ଭାରତରେ ଗୋଟିଏ ପାର୍ଶ୍ୱରୁ ସାମରିକ ଆକ୍ରମଣ ଏବଂ ଅନ୍ୟ ପଟେ ଜୈବିକ ଆକ୍ରମଣ ଘଟେ, ତେବେ ସେଥିପାଇଁ ଭାରତ ନିଶ୍ଚିତ ପ୍ରସ୍ତୁତ ରହିଛି ? ସାମ୍ପ୍ରତିକ ପରିସ୍ଥିତିରେ, ଭାରତ ଏହି ସମସ୍ୟାଗୁଡିକୁ ଗୁରୁତର ଭାବରେ ବିଚାର କରିବା ଓ ଦେଶକୁ ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ନିହାତି ଅପରିହାର୍ଯ୍ୟ ମନେହୁଏ ।

+ଓଡିଆ ଭାଷା ଓ ସାହିତ୍ୟ
ବିଭାଗୀୟ ମୁଖ୍ୟ
ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ : ୯୦୪୦ ୧୫୧୪ ୭୫

## ଟିକି ବିପ୍ଳବୀ : ନୀଳମଣି



ଅକ୍ଷୟ କୁମାର ରାଉତ

ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ । ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ । ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତ୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି । ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ । ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ । ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା । ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ। ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ। ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀ ମାନଙ୍କ ସହିତ ପଠାଇଦେଲା । ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ । ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ । ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ। ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ । ଗିରଫ ଛାତ୍ରଙ୍କ ମଧରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ । ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ । ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଞ୍ଚିବାର ସୁଯୋଗ। ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ। ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ



ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେଓ୍ୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ । ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା । ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା । ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍‌ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ । ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍‌ସା କଲେଜର ଅଧ୍ୟକ୍ଷ। ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତ୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତ୍ତା ନିର୍ବାଚନ କଲେ। ମନମୋହନ ମିଶ୍ର ରେଭେନ୍‌ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ। ଗୋରା ଅଧ୍ୟକ୍ଷଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ । ସେ ସମୟରେ ଆଇନ କଲେଜ ରେଭେନ୍‌ସା କଲେଜରେ ଚାଲୁଥିଲା । ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ । ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ । ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ। ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା । ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା ।

(କ୍ରମଶଃ)

ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

## କବିତା କୋଣାର୍କ

### ହଜେଇ ଦେବାରେ ଜୀବନ ମୟୂଖ.......

ରଙ୍କନିଧି ସେଠୀ

ଗ୍ରୀଷ୍ମର ପ୍ରକୋପ କରେ ହନ୍ତସନ୍ତ
ଅଗ୍ନିର ବର୍ଷାରେ ପ୍ରାଣୀ ସନ୍ତାପିତ
ଡହଳ ବିକଳ ଏ ସାରା ଜଗତ
ସୃଷ୍ଟି ନାଶ ପାଇଁ ମିଳଇ ସଂକେତ।

ପ୍ରଚଣ୍ଡ ରୂପରେ ପ୍ରକଟି ତପନ
ମାନବ ଜୀବନ କରଇ ହରଣ
ଶୁଷ୍କ ତରୁଲତା ଏ ଗିରି କାନନ
ତ୍ରାହି ତ୍ରାହି ସ୍ୱରେ କମ୍ପଇ ଗଗନ।

ସୁନ୍ଦର ପ୍ରକୃତି ହୁଅଇ ବିବର୍ଣ୍ଣ
କଳକାରଖାନା ହେଲା ପରିପୂର୍ଣ୍ଣ
ସବୁଜ ଜଙ୍ଗଲ ହେଲା ଛୀନ୍ନଭିନ୍ନ
ଡାକି ଆଣିଲେଣି ବିପଦ ଆସନ୍ନ।

ଜଳ ହିଁ ଜୀବନ ପ୍ରାଣୀର ଅସ୍ତିତ୍ୱ
ସକଳେ ଜାଣନ୍ତି ଜଳର ମହତ୍ତ୍ୱ
ରୌଦ୍ରତାପେ ନିମ୍ନଗାମୀ ଜଳସ୍ରୋତ
ସଜୀବ ପରାଣ ପ୍ରାୟ ମୃତବତ।

ଜୀବେ ଦୟାଭାବ କରରେ ଉଦ୍ରେକ
ଟିକେ ସୁଖ ପାଇଁ ଦିଅନାହିଁ ଦୁଃଖ
ବଢ଼ି ବଢ଼ି ଗଲେ ଯାତନା ଅନେକ
ହଜେଇ ଦେବାରେ ଜୀବନ ମୟୂଖ।

ବୃକ୍ଷ ରୋପଣରେ ଦିଅ ସଦା ଧ୍ୟାନ
ସୃଷ୍ଟି କରିଯାଅ ସୁନ୍ଦର କାନନ
ହସିବ ପ୍ରକୃତି ହସିବ ଜୀବନ
ମାନବ ଜୀବନ ହୋଇଯିବ ଧନ୍ୟ।

+ରାଉରକେଲା
ଘ. ନଂ. ଏ/ ୧୨୧, ସେକ୍ଟର -୧୪
ମୋ: ୯୩୩୭୨୫୦୫୭୨

## କବିତା କୋଣାର୍କ

### ପ୍ରୀତି ଫଗୁଣ

ରାମ ଚନ୍ଦ୍ର ପ୍ରଧାନ

ପ୍ରୀତି ଫଗୁଣର ରଙ୍ଗ ଅବିରରେ
ଦେହ ତୁମ ଝଲମଲ
ହୋଲି ରଙ୍ଗ ଲାଗି ସୁନ୍ଦର ଦିଶୁଛି
ଆଜି ତୁମ ଗୋରା ଗାଲ।

ରଙ୍ଗରାଜ ସାଜି ଛବି ମୁଁ ଆଙ୍କିବି
ସଞ୍ଜ ସକାଳରେ ନିତି
ପ୍ରେମ ପ୍ରଣୟର ମଧୁ ଲଗନରେ
ବିତାଇବି ସାରା ରାତି ।

ରସିକ ନାଗର ପ୍ରେମିକ ପ୍ରବର
ସାଜିବି ମୁଁ ତୁମ ପାଇଁ
ଗାଲେ ରଙ୍ଗ ବୋଳି
ଖେଳିବି ମୁଁ ହୋଲି
ଲାଜୁଆ ଓଠକୁ ଛୁଇଁ ।

ଲାଜେଇବନି ହେ
ମୋ ପ୍ରିୟା ମାନସୀ
ପହିଲି ପରଶ ପାଇ
ପ୍ରଜାପତି ଭଳି ଉଡ଼ି ବୁଲୁଥିବ
ସାତରଙ୍ଗି ଆଭା ନେଇ ।

ପ୍ରେମ ସରୋବରେ ଜଳକ୍ରୀଡ଼ା କରି
ଧୋଇବନି ଗାଲ ଜମା
ଇଚ୍ଛାହୁଏ ଆଜି ଆଲିଙ୍ଗନ କରି
ଦେବାକୁ ଗୋଟିଏ ଚୁମା ।

ଆଗଭଳି ଆଉ ଛିଟିକି ଯିବନି
ମିଛଟାରେ ଭାଉ ଖାଇ
ସରାଗରେ ମୋତେ
ଟାଣିନେବ ପାଶେ
ପ୍ରୀତିରଙ୍ଗ ନେସି ଦେଇ ।

+ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

### ଝଡ ଆସି ଗଲା ଚାଲି...

ସୁଦର୍ଶନ ମହାପାତ୍ର

ଭାଗ୍ୟ ଆକାଶରେ ପ୍ରଳୟଟେ ରଚି
ଝଡ ଆସି ଗଲା ଚାଲି
ଲୁଚାଇ ନେଇଛି ଯେତେ ସବୁ ସୁଖ
ଯାହା ମୁଁ ସାଉଁଟି ଥିଲି ।

ସ୍ନେହ ଅନୁରାଗ ହୋଇଛି ବିରାଗ
ଦୋହଲି ଯାଇଛି ମନ
ଖୁସି ବାୟା ବସା ଭାଙ୍ଗି ବି ଯାଇଛି
ଅତିଷ୍ଠ ଏବେ ଜୀବନ ।

ଭଙ୍ଗା ବସା ମୋର ସଜାଡିବା ପାଇଁ
ଆଉ କିବା ଅଛି କୁହ
ଅଦିନିଆ ଝଡ ଆସି ଚାଲିଗଲା
ଦେଇଗଲା ଯାହା ଲୁହ ।

ଝରି ଝରି ଲୁହ ସାଗରେ ମିଶିଛି
ତଥାପି ଉଠୁଛି କୋହ
ଦରିଆ ଦର୍ପଣେ ଝଲସି ଉଠଇ
ଦୁଃଖର ବତୁରା ମୁହଁ ।

ସେ ଲୁହ ସାଗରୁ ଫୁଟିବ କି ସତେ
ନୂଆ ସପନର ଫୁଲ
ସେ ଫୁଲ ଭିତରେ ନୂଆ ଜୀବନର
ମହକ ହୋଇବ ଠୁଳ !

ଲେଖା ହେବ ପୁଣି ପ୍ରୀତିର କବିତା
ବଞ୍ଚିବାର ମହାମୋହ
ନଷ୍ଟନୀଡରୁ ବି ଅଙ୍କୁରିତ ହେବ
ସ୍ୱପ୍ନଲଭ୍ୟ ସମାରୋହ ।

+କୁଞ୍ଜବିହାରୀ ଲେନ,କଟକ

### ଏମିତି ସେ ରଙ୍ଗ...

ତପନ କୁମାର ସ୍ୱାଇଁ

କିଛି କଥା କିଛି ରଙ୍ଗ
ରହିଗଲା ଛାତିରେ
କିଛି ବ୍ୟଥା ଅନୁରାଗ
ରହିଗଲା ସ୍ମୃତିରେ
କିଛି ଲୁହ ଇଡି ହେଇ
ଗଡି ଗଲା ଓଠ ଦେଇ
ଏଇ ଶୁଷ୍କ ମାଟିରେ ।

ମନ ସିନା ଭାଙ୍ଗି ଯାଏ
କିଛି ରାଗ ରୋଷରେ
ଯଉବନ ଫେରିଯାଏ
ବୟସର ଋତୁରେ
ମନ ଉପବନେ ଥରେ
ରଙ୍ଗ ଲାଗି ଗଲା ପରେ
ମହକଇ ଚଉପାସ
ପ୍ରଣୟର ବାସ୍ନାରେ ।

ଏମିତି ସେ ରଙ୍ଗ ଟିକେ
ମିଳନ୍ତାକି ହାତରେ
ସେ ରଙ୍ଗକୁ ମାଖନ୍ତି ମୁଁ
ସ୍ନେହ, ଭାବ ପ୍ରୀତିରେ
ସେ ରଙ୍ଗ ଲାଗିଲେ ଥରେ
ଲିଭନ୍ତାନି ଆଉଥରେ
ଯେତେମନେ ଭୁଲିଲେବି
ପ୍ରିୟଜନ ସାଥିରେ ।

+ଜଳଯୋଗାଣ ଶାଖା,
ରାଣୀହାଟ,କଟକ
ମୋ-୯୪୩୭୫୯୬୭୫୧





ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ | ଶୁକ୍ରବାର, ୨୮ ମଇ ୨୦୨୧

# ସନିଙ୍କ ଓଜନ ବଢ଼ାଉଛି ଲକ୍‌ଡାଉନ୍



କରୋନା ଜନିତ ଲକ୍‌ଡାଉନ୍/ସଟ୍‌ଡାଉନ୍ ପାଇଁ ସବୁ ବନ୍ଦ । ଗମନାଗମନ ଉପରେ ବି କଟକଣା । ତେବେ ବି-ଟାଉନ୍ ସେଲିବ୍ରିଟିଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ଏବେ ଧୀରେଧୀରେ ଅନୁଭୂତ ହେବାରେ ଲାଗିଲାଣି । ଜିମ୍ ସେଣ୍ଟର ଓ ଯୋଗକେନ୍ଦ୍ର ବନ୍ଦ ହୋଇଯାଇଥିବାରୁ ବିଶେଷକରି ବଲିଉଡ୍ ଅଭିନେତ୍ରୀମାନେ ନିଜ ଫିଟନେସ୍ ଓ ପତଳା ଚେହେରାକୁ ନେଇ ଚିନ୍ତିତ ହୋଇପଡ଼ିଲେଣି । ବଲିଉଡ୍ ସୁନ୍ଦରୀ ସନି ଲିଓନିଙ୍କ ସହ ଘଟିଥିବା ଏକ ଘଟଣା ଆଧାରରେ ଆମେ ଏଇକଥା କହୁଛି ।

ସନି ଗତକାଲି ଘରେ ଏକ ବିଜ୍ଞାପନ ସୁଟିଂ କରିବା ସମୟରେ ଏକ ହଳଦିଆ ରଙ୍ଗରେ ଡ୍ରେସ୍ ପିନ୍ଧିଥିଲେ । ତେବେ ଡ୍ରେସ୍ ପିନ୍ଧିବାରେ ସନିଙ୍କୁ ଯେତିକି ଅସୁବିଧା ନ ହେଲା, ପିଠିପଟେ ଥିବା ଚେନ୍ ଦେବାକୁ ତାଙ୍କୁ ଭାରି କସରତ କରିବାକୁ ପଡ଼ିଲା । ଏମିତିକି ଚେନ୍ ଦେବାକୁ ପୂରା ଟିମ୍ ଲାଗି ପଡ଼ିଲା । ଘଣ୍ଟାକର କସରତ୍ ପରେ ଟିମ୍ ସେଥିରେ ସଫଳ ହୋଇଥିଲା । ଏହି ଘଟଣାକୁ ସନି ସୋସିଆଲ ମିଡିଆରେ ସେୟାର କରିବା ସହ ଲକ୍‌ଡାଉନ୍ ଯୋଗୁଁ ଘରେ ବସି ବସି ମୋଟି ହୋଇଗଲେଣି ବୋଲି କହିଛନ୍ତି ।

# ଲକଡାଉନ୍ ସମୟରେ ଚଳଚ୍ଚିତ୍ର ସଙ୍ଗୀତକାର ଅଭିଜିତ୍ ମଜୁମ୍‌ଦାର



ବିଗତ ବର୍ଷେ ହେଲା ଓଲିଉଡ ଜଗତ ଅତି ସଙ୍ଗୀନ ପରିସ୍ଥିତି ଦେଇ ଗତି କରୁଛି । ତଥାପି ସଙ୍ଗୀତର ସାଥ୍ ଛାଡିନାହାଁନ୍ତି ସଙ୍ଗୀତକାର ଅଭିଜିତ ମଜୁମଦାର । ସେ ଛୋଟ ହେଉ କି ବଡ ବଜେଟ୍ ଫିଲ୍ମ । ଅଭିଜିତଙ୍କ ପାଖରେ ଫିଲ୍ମର ସଂଖ୍ୟା ସବୁଠୁ ଅଧିକ । ଲକି ର ଲକଡାଉନ୍ ଲଭଷ୍ଟୋରୀ, ଅରୁନ୍ଧତୀ, ଦିଲରେ ଅଛି ତୋର ନାଁ, ଲାଗେ ମୋତେ କେମିତି କେମିତି, ଜଗୁ ଟ୍ୟାକ୍ସି ଡ୍ରାଇଭର, ଇଏ ବି ଗୋଟିଏ ଲଭଷ୍ଟୋରୀ, ଚୁମ୍‌କି ମାଇଁ ଡାର୍ଲିଂ, ଇନ୍ଦ୍ରଜାଲ, ଏଇ ବୋଧେ ଭଲପାଇବା, ଅଟୋଗ୍ରାଫ, ଧୋ ରେ ବାଇୟା ଧୋ, ତୁଲ୍‌ବୁଲ୍ ପାଣ୍ଡେ, ପ୍ରେମୀ ଆୱାରା, ମୋ କାହାଣୀରେ ତୋରି ନାଁ ଓ ଚକ୍ଷୁବନ୍ଧନ ଭଳି ଅନେକ ଫିଲ୍ମ ଅଭିଜିତଙ୍କ ତାଲିକାରେ ରହିଛି । ସେ ୟୁଟ୍ୟୁବ ପ୍ଲାଟଫର୍ମରେ ମଧ ସମସ୍ତଙ୍କୁ ପଛରେ ପକାଇଦେଇଛନ୍ତି । ବର୍ଷେ ଭିତରେ ସେ କେ ୧ ପ୍ରଡକ୍ସନ୍, ବସନ୍ତ ସ୍ନେହା ପ୍ରଡକ୍ସନ୍, ତରଙ୍ଗ ମ୍ୟୁଜିକ, ତାରା ମ୍ୟୁଜିକ, ଦୀପ ମ୍ୟୁଜିକ ଓ ଅନ୍ୟାନ୍ୟ ପାଖାପାଖି ୫୦ଟି ୟୁଟ୍ୟୁବ୍ ଚ୍ୟାନେଲ ପାଇଁ ସେ ଗୀତ କରିଛନ୍ତି । ସ୍ୱର କରିବା ସହ ଗାଇବାକୁ ବାଦ୍ ଦେଲେ ସେ ବିଭିନ୍ନ କାର୍ଯ୍ୟକ୍ରମର ସୁଟିଂ ପାଇଁ ବ୍ୟସ୍ତ ରହିଥାନ୍ତି । ତରଙ୍ଗ ଲକଡାଉନ୍ ଅନ୍ତାକ୍ଷରୀ, ତରଙ୍ଗ ମହାସଙ୍ଗମ, ବିଭିନ୍ନ ୟୁଟ୍ୟୁବ, ଫେସବୁକ ଓ ଇନଷ୍ଟାଗ୍ରାମ୍ ଚ୍ୟାନେଲଗୁଡିକରେ ଲାଇଭ ଆସିବା ଏବଂ ୟୁଏସ୍ ଓ ୟୁକେ ପାଇଁ ଦୁଇତିନିଟା ଅନଲାଇନ୍ ସୋ' କରିବା ତାଙ୍କ ବ୍ୟସ୍ତତାର ପ୍ରମାଣ ଦିଏ ।
ସ ଙ୍ଗ ୀ ତ ଭିତରେ ଥାଇ ମଧ ସେ କବେ ବି ସମାଜସେବାରୁ ନିବୃତ୍ତ ହୋଇନାହାଁନ୍ତି । OMAWA ର
ସ ଭା ପ ତି ପଦରେ ଥାଇ ଅଭିଜିତ୍ କଳାକାରଙ୍କ ଦୁଃଖ ସରକାରଙ୍କୁ ଜଣାଇବାକୁ ଚେଷ୍ଟା କରିଛନ୍ତି । ଅସୁବିଧାରେ
ଥ ବ । କଳାକାରଙ୍କୁ ସାହାଯ୍ୟ କରିବା , ଓଡିଶାରେ ଥିବା ସବୁ କଳାକାରଙ୍କ ଭିତରେ ଭାଇଚାରା ବଢାଇବା
ପ । ଇ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ କରାଇବା, ବରିଷ୍ଠ କଳାକାରଙ୍କୁ ସମ୍ମାନିତ କରିବା, ନିଜ ସାଙ୍ଗସାଥୀଙ୍କ
ମେ ଳ ରେ ମିଶି ରକ୍ତ ଶିବିର ଅନୁଷ୍ଠିତ କରିବା, ଛୋଟବଡ ଅନେକ ସମାଜିକ ଅନୁଷ୍ଠାନମାନଙ୍କ ପାଇଁ ଆଗକୁ ଆସିବା ତାଙ୍କ ଉଦରତାକୁ ଦର୍ଶାଇଥାଏ । ନିଜର ବ୍ୟସ୍ତବହୁଳ ଜୀବନ ଭିତରେ ସେ ସବୁବେଳେ ବିନ୍ଦାସ ରହିଥାନ୍ତି । ସମସ୍ତଙ୍କୁ ଧୈର୍ଯ୍ୟ ଧରିବା ପାଇଁ ବାରମ୍ବାର ଅନୁରୋଧ କରିବା ସହିତ ଭାତଟେ ହେବ, ଡାଲିଟେ ହେବ କିମ୍ବା ମୁଁ ପ୍ରଥମ ଶ୍ରେଣୀରେ ପଢୁଛି ଗୀତ ଗାଇ ଲୋକମାନଙ୍କର ମନୋରଂଜନ କରିଚାଲିଛନ୍ତି ।

# ସୁସ୍ଥ ହୋଇ ମୁମ୍ବାଇ ଫେରିଲେ ଦୀପିକା



ମହାମାରୀ କରୋନାକୁ ମାତ୍ ଦେଲେ ବଲିଉଡର ମସ୍ତାନୀ ଗାର୍ଲ ଦୀପିକା ପାଦୁକୋନ । ସୁସ୍ଥ ହୋଇ ଫେରିଲେ ମାୟାନଗରୀ । ପାୱାର କପଲ ରଣବୀର ଓ ଦୀପିକାଙ୍କୁ ରବିବାର ମୁମ୍ବାଇ ଏୟାରପୋର୍ଟରେ ଦେଖିବାକୁ ମିଳିଛି । ଦୁହେଁ ହାତରେ ହାତ ଧରି ବିମାନ ବନ୍ଦରରେ ନଜର ଆସିଛନ୍ତି । ଦୁହିଁଙ୍କ ଏୟାରପୋର୍ଟ ଲୁକ୍ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସୂଚନା ମୁତାବକ ମୁମ୍ବାଇରେ କର୍ଫ୍ୟୁ ଲାଗୁ ହେବା ପରେ ଏପ୍ରିଲ ମାସରେ ରଣବୀର-ଦୀପିକା ବାଙ୍ଗାଲୁରୁ ଯାଇଥିଲେ । ସେଠାରେ ସେ ତାଙ୍କ ପରିବାର ସହ କ୍ୱାଲିଟି ଟାଇମ ସ୍ପେଣ୍ଡ କରୁଥିଲେ । ତେବେ ଗତ କିଛିଦିନ ତଳେ ଦୀପିକାଙ୍କ ବାପା କରୋନାରେ ସଂକ୍ରମିତ ହୋଇଥିବା ଖବର ସାମ୍ନାକୁ ଆସିଥିଲା । ତାଙ୍କୁ ହସ୍ପିଟାଲରେ ମଧ ଭର୍ତ୍ତି କରାଯାଇଥିଲା । ଏହା ପରେ ପରେ ମେ' ମାସ ଆରମ୍ଭରେ ଦୀପକା ମଧ କରୋନାରେ ସଂକ୍ରମିତ ହୋଇଥିଲେ । ଦୀପିକା କରୋନା ପଜିଟିଭ୍ ହେବା ପରେ ହୋମ୍ ଆଇସୋଲେସନରେ ଥିଲେ । ହେଲେ ଏବେ ସେ ସୁସ୍ଥ ହୋଇ ମୁମ୍ବାଇ ଫେରିଛନ୍ତି । ସେପଟେ ତାଙ୍କ ବାପା ମଧ ସୁସ୍ଥ ହୋଇ ସାରିଥିବା ସୂଚନା ମିଳିଛି । ମିଡିଆ ରିପୋର୍ଟ ମୁତାବକ, ଦୀପିକା-ରଣବୀର ଖୁବ ଶୀଘ୍ର କବିର ଖାନ୍‌ଙ୍କ ନିର୍ଦ୍ଦେଶିତ ଫିଲ୍ମ '୮୩'ରେ ନଜର ଆସିବେ । ଏହାବ୍ୟତୀତ ଦୀପିକାଙ୍କ ପାଖରେ ଆହୁରି ଅନେକ ନୂଆ ପ୍ରଜେକ୍ଟ ମଧ ରହିଛି । ଫାଇଟର, ଦ ଇଣ୍ଟର୍ଣ୍ଣ ଓ ସକୁନ ବତ୍ରାଙ୍କ ଅନ୍‌ଟାଇଟେଲ୍ଡ ଫିଲ୍ମ ତାଙ୍କ ହାତରେ ଅଛି ।

# ରଣବୀର-ଆଲିଆ ଇଲୁ ଇଲୁ

ଦୀପିକା ଓ କ୍ୟାଟ୍ରିନାଙ୍କ ଠାରୁ ପ୍ରେମରେ ଅସଫଳ ହେବା ପରେ ରଣବୀର ଧୀରେ ଧୀରେ ଆଲିଆ ଭଟ୍ଟଙ୍କ ସହିତ ଯୋଡ଼ି ହେଲେ । ପ୍ରଥମେ ପ୍ରେମ ଏବଂ ପରେ ଜୀବନସାଥୀ ହେବାର ଯୋଜନା କଲେ । ମୁମ୍ବାଇରେ କପୁର୍ ଖାନ୍‌ଦାନ ସହ ଭଟ୍ଟ ଖାନ୍‌ଦାନର ଏଇ ଅପୂର୍ବ ସଂଯୋଗକୁ ବଲିଉଡ୍‌ରେ ଅନେକ ମଧ ପସନ୍ଦ କଲେ । ରଣବୀରଙ୍କ ବାପା ଋଷି କପୁର ଥିବାବେଳେ ଆଲିଆଙ୍କ ସହ ତାଙ୍କ ସମ୍ପର୍କ ମଧ ଗଢ଼ିଉଠିଥିଲା । ଏହାକୁ ଉଭୟ ଋଷି ଓ ନିତୁ ମଧ ସ୍ୱୀକୃତି ଦେଇଥିଲେ । ବାସ୍ତବ ଜୀବନରେ ପ୍ରେମ ଫାଶରେ ଛନ୍ଦି ହେଇଥିବା ରଣବୀର ଓ ଆଲିଆଙ୍କ ପରଦା ଜୀବନର ଏକ ଅବସ୍ମରଣୀୟ ପ୍ରେମ କାହାଣୀ ଆଗକୁ ଆସୁଛି ଯାହାର ଶୀର୍ଷକ ରହିଛି 'ବ୍ରହ୍ମାସ୍ତ୍ର' । ଧର୍ମା ପ୍ରଡକ୍ସନର ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଆୟାନ୍ ମୁଖାର୍ଜୀ ।



# ଆସିଲା "RRR"ର ରିଲିଜ ଡେଟ୍

ଅପେକ୍ଷାର ଘଟିଲା ଅନ୍ତ । ଖୁବ୍‌ଶୀଘ୍ର ଫ୍ଲୋରକୁ ଆସିବ ବିଗ୍‌ବଜେଟ୍ ସାଉଥ ଫିଲ୍ମ "ଆରଆରଆର" । ଘୋଷଣା ହୋଇଛି ଏହି ଫିଲ୍ମର ରିଲିଜ ଡେଟ୍ । ବାହୁବଳୀ ଫେମ୍ ନିର୍ଦ୍ଦେଶକ ଏସ୍ ଏସ୍ ରାଜାମୌଲିଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମଟିକୁ ବହୁ ଦିନ ଧରି ଚର୍ଚ୍ଚା ଲାଗି ରହିଛି । ଏହି ଫିଲ୍ମଟିକୁ ଦେଖିବା ପାଇଁ ଦର୍ଶକମାନେ ଅପେକ୍ଷା କରି ବସିଛନ୍ତି । ଶୁଣିବାକୁ ମିଳିଛି ଯେ ଫିଲ୍ମଟି ଏବେ ଡିଜିଟାଲ ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ ହେବାକୁ ଯାଉଛି । ଏନେଇ ଫିଲ୍ମ ସମୀକ୍ଷକ ତରଣ ଆଦର୍ଶ ଟୁଇଟ୍ କରି ସୂଚନା ଦେଇଛନ୍ତି । ସେ ଟୁଇଟ୍ କରି କହିଛନ୍ତି, ରାଜାମୌଲିଙ୍କ ଏହି ବିଗ୍ ବଜେଟ୍ ଫିଲ୍ମଟି ୧୦ଟି ଭାଷା ହିନ୍ଦୀ, ତେଲୁଗୁ, ତାମିଲ, ମାଲୟଲମ, କନ୍ନଡ ବ୍ୟତୀତ ପର୍ତ୍ତୁଗାଲ, କୋରିଆନ, ଇଂରାଜୀ, ତୁର୍କି, ସ୍ପେନିଷ ଆଦି ଭାଷାରେ ଉଭୟ ଥିଏଟର ଏବଂ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବ । ନେଟ୍‌ଫ୍ଲିକ୍ସ ଏହି ଫିଲ୍ମର ଡିଜିଟାଲ ଷ୍ଟ୍ରିମିଂ ଦାୟିତ୍ୱ ନେଇଛି ।




ସୂଚନାମୁତାବକ ଏହା ଆକ୍ସନ ଡ୍ରାମା ଫିଲ୍ମ । ଏହାର ଲିଡ୍ ରୋଲରେ ଜୁନିଅର ଏନ୍‌ଟିଆର, ରାମ ଚରଣ, ଅଜୟ ଦେବଗନ ଓ ଆଲିଆ ଭଟ୍ଟ ଅଛନ୍ତି । ଏହି ଫିଲ୍ମ ଜରିଆରେ ଅଜୟ ଦେବଗନ ଓ ଆଲିଆ ଭଟ୍ଟ ସାଉଥ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବେ । ପୂର୍ବରୁ ଏହି ଫିଲ୍ମର ଅନେକ ଗୁଡିଏ ଟିଜର ପୋଷ୍ଟର ରିଲିଜ ହୋଇସାରିଛି ଏବେ ଫିଲ୍ମର ଟ୍ରେଲରକୁ ଅପେକ୍ଷା କରିଛନ୍ତି ଦର୍ଶକ ।



# ତୁ ମୋ ପ୍ରଥମ ପ୍ରେମ

ପ୍ରେମ ଏବେ ଏବେ ୟୁ-ଟ୍ୟୁବରେ ବେଶ୍ ଲୋକପ୍ରିୟ ହେଇଛି ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟଜିତଙ୍କ ଯୁଗଳବନ୍ଦୀ ରୋମାଣ୍ଟିକ୍ ସଙ୍ଗ୍ 'ତୁ ମୋ ପ୍ରଥମ ପ୍ରେମ' । ଏହାର ଗୀତିକାର ନିହାର ପ୍ରିୟାଶିଷ ଓ ସ୍ୱର ସଂଯୋଜନା କରିଛନ୍ତି ସୁମିତ ଦୀକ୍ଷିତ । ଅତୀତରେ ଚଳଚ୍ଚିତ୍ର 'ଜଗୁ ଅଟୋବାଲା'ରେ ଏ ଦୁହେଁ 'ଭିଜା ଭିଜା କୁହୁଡ଼ି ତଳେ' ଗୀତରେ କଣ୍ଠଦାନ କରିଥିଲେ ।

ଏହା ଭିତରେ 'ଚାନ୍ଦ ଛୁପା ବାଦଲ ମେଁ' ଓ 'ଗଭାର ଗଜରା' ପରି କିଛି ଚଳଚ୍ଚିତ୍ର ଓ ଆଲବମ୍‌ରେ ଯୁଗ୍ମ ଭାବେ କଣ୍ଠଦାନ କରି ଏ ସତ୍ୟାଜିତ-ଅନ୍ତରା ଶ୍ରୋତାଙ୍କୁ ବିମୁଗ୍ଧ କରିଛନ୍ତି ।

# ୩୬୦୦ ଡ୍ୟାନ୍ସରଙ୍କୁ ରାସନ ଯୋଗାଇବେ ଅକ୍ଷୟ



କରୋନା ମହାମାରୀ କାଳରେ ପୁଣି ଆଗେଇ ଆସିଛନ୍ତି ବଲିଉଡର ଖିଲାଡି ଷ୍ଟାର ଅକ୍ଷୟ କୁମାର । ପୁଣି ଥରେ ବଢ଼ାଇଛନ୍ତି ସେ ସହାୟତାର ହାତ । କରୋନାର ଦ୍ୱିତୀୟ ଲହର ଅନେକ ଲୋକଙ୍କୁ ଅସୁବିଧାରେ ପକାଇଛି । ବେରୋଜଗାର ହୋଇପଡିଛନ୍ତି ଅଧିକାଂଶ ଲୋକ । ଏଭଳି ଅସୁବିଧା ସମୟରେ ଅଭିନେତା ଅକ୍ଷୟ କୁମାର ସହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି । ସେ ୩୬୦୦ ଡ୍ୟାନ୍ସରଙ୍କୁ ପ୍ରତି ମାସରେ ମାଗଣା ରାସନ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏନେଇ ବଲିଉଡର ଜଣାଶୁଣା କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ ନିକଟରେ ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି । ଟାଇମ୍ସ ଅଫ ଇଣ୍ଡିଆର ରିପୋର୍ଟ ମୁତାବକ, ଅକ୍ଷୟ କୁମାର ଫିଲ୍ମ ଇଣ୍ଡଷ୍ଟ୍ରିର ୩୬୦୦ ଡ୍ୟାନ୍ସରଙ୍କୁ ପ୍ରତି ମାସରେ ମାଗଣା ରାସନ ଯୋଗାଇବା ପାଇଁ ଦାୟିତ୍ୱ ନେଇଛନ୍ତି । କୋରିଓଗ୍ରାଫର ଗଣେଶ କହିଛନ୍ତି, ଅକ୍ଷୟ ତାଙ୍କର ୫୦ ତମ ଜନ୍ମଦିନରେ ତାଙ୍କୁ କ'ଣ ସାହାଯ୍ୟ କରିପାରିବେ ବୋଲି ପଚାରିଥିଲେ । ଏହା ପରେ ଗଣେଶ ଅକ୍ଷୟଙ୍କୁ ଇଣ୍ଡଷ୍ଟ୍ରିର ୧,୬୦୦ ଜୁନିଅର ଡ୍ୟାନ୍ସର ଏବଂ ୨,୦୦୦ ବ୍ୟାକଗ୍ରଉଣ୍ଡ ଡ୍ୟାନ୍ସରଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ । ଏହାପରେ ଅକ୍ଷୟ ଗଣେଶଙ୍କ ଅନୁରୋଧ ରକ୍ଷା କରିବା ପାଇଁ ଏଭଳି ପଦକ୍ଷେପ ଉଠାଇଛନ୍ତି ବୋଲି ଗଣେଶ କହିଛନ୍ତି । ଗଣେଶ ଆହୁରି କହିଛନ୍ତି, ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରୋଟୋକଲକୁ ଦୃଷ୍ଟିରେ ରଖି ଏହି ଅଭିଯାନ ଆରମ୍ଭ ହେବ । ଡ୍ୟାନ୍ସର କିମ୍ବା କୋରିଓଗ୍ରାଫର ପ୍ରତି ମାସରେ ଟଙ୍କା କିମ୍ବା ରାସନ କିଟ୍ ପାଇବେ । ଗଣେଶ କହିଛନ୍ତି ଯେ 'ମୋ ପତ୍ନୀ ଗଣେଶ ଆଚାର୍ୟ ଫାଉଣ୍ଡେସନ ମାଧ୍ୟମରେ ଏହି କାମ ସହ ଜଡିତ ଅଛନ୍ତି । ସେ ବ୍ୟକ୍ତିଗତ ଭାବେ ପ୍ୟାକିଂ ଏବଂ ବିତରଣର ତଦାରଖ କରୁଛନ୍ତି । ତେବେ ଏହା ପ୍ରଥମ ଥର ନୁହେଁ, ଏହାପୂର୍ବରୁ ମଧ ଅକ୍ଷୟ ଲୋକଙ୍କୁ ସାହାଯ୍ୟ କରିଛନ୍ତି ।

# ସଞ୍ଜୁ ବାବାଙ୍କ ହାତରେ ଲାଗିଲା ଗୋଲଡେନ୍ ଭିସା



ବଲିଉଡର ସୁପରଷ୍ଟାର ଅଭିନେତା ସଞ୍ଜୟ ଦତ୍ତ ତଥା ସଞ୍ଜୁ ବାବାଙ୍କ ହାତରେ ଲାଗିଲା ଗୋଲଡେନ୍ ଭିସା । ସଂଯୁକ୍ତ ଆରବ ଅମିରାତ ତରଫରୁ ତାଙ୍କୁ ଏହି ଭିସା ମିଳିଛି । ଏନେଇ ସେ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି ।

ସଞ୍ଜୁ ବାବା ନିଜ ଟୁଇଟର ଆକାଉଣ୍ଟରେ ଦୁଇଟି ଫଟୋ ସେଆର କରିଛନ୍ତି । ପ୍ରଥମ ଫଟୋରେ ପାସ୍‌ପୋର୍ଟ ଦେଖାଉଛନ୍ତି । ଦ୍ୱିତୀୟ ଫଟୋରେ ସେ ମେଜର ଜନରାଲ ମୋହମ୍ମଦ ଅଲ ମାରିଙ୍କ ସହ ନଜର ଆସିଛନ୍ତି ।

ଏହି ଫଟୋକୁ ସେଆର କରି ସଞ୍ଜୟ ଦତ୍ତ ଗୋଲଡେନ ଭିସା ପାଇଥିବାରୁ ୟୁଏଇ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଗୋଲଡେନ ଭିସା ପାଇବାର ଖୁସି ପ୍ରକାଶ କରି ସଞ୍ଜୟ ତାଙ୍କ ଟ୍ୱିଟରେ ଲେଖିଛନ୍ତି, 'ମେଜର ଜେନେରାଲ ମହମ୍ମଦ ଅଲ ମାରିଙ୍କ ଉପସ୍ଥିତିରେ ୟୁଏଇର ଗୋଲଡେନ ଭିସା ପାଇ ମୁଁ ଗୌରବାନ୍ୱିତ । ଏହି ସମ୍ମାନ ପାଇଁ ୟୁଏଇ ସରକାରଙ୍କୁ ଧନ୍ୟବାଦ ।' ସେପଟେ ସଞ୍ଜୟ ଗୋଲଡେନ ଭିସା ପାଇବା ପରେ ଝିଅ ତ୍ରିଶାଲା ମଧ ସଞ୍ଜୟଙ୍କ ଫଟୋରେ କମେଣ୍ଟ କରି ଖୁସି ପ୍ରକାଶ କରିଛନ୍ତି ।

ସୂଚନା ମୁତାବକ ସଞ୍ଜୟ ଦତ୍ତ ତାଙ୍କ ପରିବାର ସହ ଅଧିକାଂଶ ସମୟ ଦୁବାଇରେ ହିଁ ରୁହନ୍ତି । ତାଙ୍କର ଦୁଇ ପୁଅ ଝିଅ ଦୁବାଇରେ ପାଠ ପଢ଼ନ୍ତି । ତେଣୁ ସେ ବାରମ୍ବାର ଦୁବାଇ ଯାଆନ୍ତି । ଦୁବାଇରେ ତାଙ୍କର ଏକ ଘର ମଧ ରହିଛି । ତେବେ ବର୍ତ୍ତମାନ ସଞ୍ଜୟଙ୍କୁ ଗୋଲଡେନ ଭିସା ମିଳିବା ପରେ ଏବେ ତାଙ୍କୁ ଆଉ ବାରମ୍ବାର ଭିସା ନେବାକୁ ପଡିବ ନାହିଁ, କାରଣ ଏହି ଗୋଲଡେନ ଭିସା ପାଇବା ପରେ ସଞ୍ଜୟ ୟୁଏଇରେ ୧୦ ବର୍ଷ ରହିପାରିବେ ।

ୟୁଏଇର ଗୋଲଡେନ ଭିସା ପାଇବାରେ ସଞ୍ଜୟ ଦତ୍ତ ହେଉଛନ୍ତି ପ୍ରଥମ ଭାରତୀୟ ଅଭିନେତା । ୨୦୧୯ରେ ୟୁଏଇ ସରକାର ଦୀର୍ଘ ଅବଧି ନିବାସ ପାଇଁ ନୂଆ ନିୟମ ଲାଗୁ କରି ଗୋଲଡ୍ରେନ ଭିସା ଆରମ୍ଭ କରିଥିଲେ । ନିୟମ ପରିବର୍ତ୍ତନ ପରେ ବୈଜ୍ଞାନିକ ଏବଂ ପ୍ରଫେସନାଲ୍ସଙ୍କ ସମେତ କିଛି ଖାସ୍ ଲୋକଙ୍କ ପାଇଁ ଏହି ଭିସା ଜାରି କରାଯାଇଛି ।

# କାମ ଦେଲାନି ଡ୍ରେନ୍ ମରାମତି ଓ ସଫେଇ : ରାଜଧାନୀ ରାସ୍ତାରେ ଲହଡ଼ି ମାରୁଛି ବର୍ଷା ପାଣି

ଭୁବନେଶ୍ୱର,୨୮/୫ (ନି.ପ୍ର): ସାମୁଦ୍ରିକ ବାତ୍ୟା ୟାସ୍ ଜନିତ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ଗତ ୨/୩ ଦିନ ଧରି ଡ୍ରେନ୍ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ବି ବହୁ ଡ୍ରେନ୍ ମରାମତି ଆରମ୍ଭ ହୋଇଥିଲା। କିନ୍ତୁ କିଛି ବି ସୁଫଳ ମିଳିଲା ନାହିଁ। ରସୁଲଗଡ଼ ଶିଳ୍ପାଞ୍ଚଳ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଓ ଚକେଇସିହାଣି ଅଞ୍ଚଳରେ ସବୁ ମୁଖ୍ୟ ରାସ୍ତା ଉପରେ ବର୍ଷା ପାଣି ଲହଡ଼ି ମାରୁଛି। ଗତ ଦୁଇ ଦିନର ସ୍ୱଳ୍ପ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଠିଆ ହୋଇଛି। ତେଣୁ ୟେଲୋ-ଜୋନ୍ ଭାବେ ଘୋଷଣା ହୋଇଥିବା ରାଜଧାନୀରେ ଅଧିକ ବର୍ଷା ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ଆଶଙ୍କା କରାଯାଉଛି।

ବିଏମ୍‌ସିର ୫ନମ୍ବର ୱାର୍ଡ଼ ଅର୍ନ୍ତଗତ ଚକେଇସିହାଣି ଦୁର୍ଗାମଣ୍ଡପଠାରୁ ଭିଏସ୍ଏସ୍ ନଗର ପର୍ଯ୍ୟନ୍ତ ଶିଳ୍ପାଞ୍ଚଳ ମଧ୍ୟରେ ଲମ୍ବିଥିବା ରାସ୍ତାରେ ପାଣି ଜମି ରହିଛି। ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ପାଣି ଜମି ରହିଥିବାରୁ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ଚକେଇସିହାଣି ଅଟୋଷ୍ଟାଣ୍ଡ ନିକଟରେ ପାଣି ଜମି ରହୁଥିବାରୁ ବାରମ୍ବାର ଅଭିଯୋଗ ହୋଇଥିଲା ଓ ମରାମତି କାମ ପରେ ରାସ୍ତାକୁ ଉଚ୍ଚା କରାଯାଇଥିଲା। ମାତ୍ର ଏବେ ଡ୍ରେନ୍ ଠିକ୍ ଭାବେ ସଫା ନ ହେବା କାରଣରୁ ଏବଂ କିଛି ଲୋକ ଡ୍ରେନ୍‌କୁ ଜବରଦଖଲ କରିଥିବାରୁ ପୂର୍ବ ଅବସ୍ଥା ବଳବତ୍ତର ରହିଛି। ପୂର୍ବରୁ ଯେମିତି ରାସ୍ତାରେ ପାଣି ଜମୁଥିଲା, ଏବେ ବି ସେମିତି ପାଣି ଜମି ରହିଛି। ତେଣୁ ସେଠାରେ ଦୋକାନ କରିଥିବା ବହୁ ଦୋକାନୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଅଧିକ ବର୍ଷା ହେଲେ ଦୋକାନ ବୁଡ଼ିବ ବୋଲି ସେମାନେ ଆଶଙ୍କାରେ ଅଛନ୍ତି।



ରସୁଲଗଡ଼ ଛକ ନିକଟ ଜାତୀୟ ରାଜପଥ ସେହିପରି ଜନଗହଳିପୂର୍ଣ୍ଣ ରସୁଲଗଡ଼ ଛକରେ ମଧ୍ୟ ଅନୁରୂପ ଅବସ୍ଥା। ରାଜପଥ ସର୍ଭିସ୍ ରୋଡ୍‌ରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଡ୍ରେନ୍ ମରାମତି ହୋଇ ନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବଡ଼ ଗାଡ଼ିଟିଏ ଯାଉଥିବା ବେଳେ ବାଇକ୍ ଚାଳକମାନେ ଛିଟିକା ପାଣିରେ ଭିଜୁଛନ୍ତି। ଓଭରବ୍ରିଜ୍ ତଳେ ଖାଲରେ ପାଣି ଜମି ରହିଥିବାରୁ ବହୁ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ରସୁଲଗଡ଼ ଶିଳ୍ପାଞ୍ଚଳ ରାସ୍ତା ରସୁଲଗଡ଼ ଶିଳ୍ପାଞ୍ଚଳକୁ ଲମ୍ବିଥିବା ରାସ୍ତାରେ ମଧ୍ୟ ଫୁଟେ ଉଚ୍ଚର ବର୍ଷା ପାଣି ଜମି ରହିଛି। ଏଠାରେ ଜାନୁଆରି ମାସରୁ ରାସ୍ତା ଏବଂ ଡ୍ରେନ୍ କାମ ଚାଲୁଛି। ବହୁ କାମ ସରିଯାଇଥିଲେ ମଧ୍ୟ ବହୁ ସ୍ଥାନରେ ପୂର୍ବବତ୍ ପାଣି ଜମି ରହୁଛି। ଡ୍ରେନ ମରାମତି ଠିକ୍ ଭାବରେ ହୋଇନଥିବାରୁ ବର୍ଷା ଜଳ ଡ୍ରେନ୍‌ରେ ପ୍ରବାହିତ ହେବା ବଦଳରେ ରାସ୍ତାରେ ଲହର୍ଡ଼ି ମାରୁଛି। ବିଭାଗୀୟ ଯନ୍ତ୍ରୀମାନଙ୍କର ନକ୍ସା ପ୍ରସ୍ତୁତି ଓ କାର୍ଯ୍ୟ ତଦାରଖକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଟ୍ରାନ୍ସଫର୍ମର ମରାମତି ବେଳେ ଅଧଘଣ୍ଟାଏ ଖୁଣ୍ଟରେ ଝୁଲିଲେ ଲାଇନମ୍ୟାନ: ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର,୨୮/୫ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ ବନମାଳୀପୁର ପ୍ରଧାନପାଟଣା ଟ୍ରାନ୍ସଫର୍ମର ଡିପି ମରାମତି ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଲାଇନମ୍ୟାନ ଗୁରତର ଆହତ ହୋଇଛନ୍ତି। ସେ ହେଲେ ସ୍ୱପ୍ନଜିତ ଷଡଙ୍ଗୀ । ବିପଦ ଶଙ୍କୁଳ ଅବସ୍ଥାରେ ଅଧଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି କର୍ମଚାରୀ ଜଣଙ୍କ ଖୁଣ୍ଟରେ ଓହଳି ଝୁଲି ରହିଥିଲେ । ଘଟଣା ସ୍ଥଳରେ ଉପସ୍ଥିତ ଜନ ସାଧାରଣ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ । ଅବସ୍ଥା ଗୁରତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଛି । ସୂଚନା ଅନୁସାରେ , ବାତ୍ୟା ୟାସ ପ୍ରଭାବରେ ବନମାଳୀପୁର ଗଡ଼ ଚାରିପଡା ଷ୍ଟକ୍ସର ଅଧୀନରେ ଉପଭୋକ୍ତା ୨୪ ଘଣ୍ଟା ଅନ୍ଧାରରେ ରହିଥିଲେ । ପ୍ରଧାନ ପାଟଣା ଟ୍ରାନ୍ସଫର୍ମରରେ ତ୍ରୁଟି ଥିବାରୁ ଏପରି ହୋଇଥିଲା । ଆଜି ସକାଳୁ ଉକ୍ତ ଅଞ୍ଚଳରେ କାର୍ଯ୍ୟରତ ଲାଇନ ମ୍ୟାନ ସ୍ୱପ୍ନଜିତ ଷଡଙ୍ଗୀ ମରାମତି ପାଇଁ ଯାଇଥିଲେ । ଖୁଣ୍ଟରେ ଚଢ଼ି କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ହେତୁ କରେଣ୍ଟ ସଂସ୍ପର୍ଶରେ ଆସିଥିଲେ । ତଳକୁ ଝିଟିକି ପଡିବା ସମୟରେ ସ୍ୱଭାଗ୍ୟ ବଶତଃ ସେହି ଖୁଣ୍ଟରେ ତାଙ୍କର ଗୋଟିଏ ଗୋଡ଼ ପଶି ରହି ଯାଇଥିଲା ।ଏବଂ ଦୀର୍ଘ ସମୟ ସେଇ ଖୁଣ୍ଟରେ ଝୁଲି ରହିଥିଲେ । କରେଣ୍ଟ ଭୟରେ ଲୋକ ପାଖ ମାଡି ନ ଥିଲେ । ବିଦ୍ୟୁତ ସଂଯୋଗ ବିଛିନ୍ନ ହେବା ପରେ ତାଙ୍କୁ ଉଦ୍ଧାର କରା ଯାଇଥିଲା । କରେଣ୍ଟ ଲାଗିବା ଦ୍ୱାରା ତାଙ୍କର ୨ ଗୋଡ଼ ପୋଡି ଯାଇଛି । ଏକାଧିକବାର ବାନ୍ତି ହୋଇଥିଲା । ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ବାଲିପାଟଣା ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ମଦନ ମୋହନ ଜେନା ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ । ସୁସ୍ଥ ହୋଇ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ଯନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।




## ଓଡ଼ିଶାରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ଲାଭାର୍ଥୀଙ୍କୁ ମିଳିବ ପକ୍କା ଘର

ଭୁବନେଶ୍ୱର,୨୮/୫ (ନି.ପ୍ର): ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଓଡ଼ିଶାର ୮ ଲକ୍ଷ ୧୭ ହଜାର ୫୧୩ ଜଣ ଲାଭାର୍ଥୀଙ୍କୁ ମିଳିବ ପକ୍କା ଘର। ଏମାନଙ୍କୁ ମିଶାଇ ସାରାଦେଶରେ ୬୧.୮୪ ଲକ୍ଷ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପକ୍କା ଘର ସ୍ୱପ୍ନ ପୂରଣ ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଟ୍ୱିଟ୍ କରି ଶ୍ରୀ ପ୍ରଧାନ ଲେଖିଛନ୍ତି, କରୋନା ଭଳି କଠିନ ପରିସ୍ଥିତିରେ ମୋଦି ସରକାରଙ୍କ ଜନକଲ୍ୟାଣ ଯୋଜନା ଗୁଡ଼ିକ ଗରିବଙ୍କ ସାହାରା ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଜରିଆରେ ଦେଶର କୋଣ ଅନୁକୋଣରେ ଗରିବଙ୍କ ମୁଣ୍ଡ ଉପରେ ପକ୍କା ଛାତ ଦେଇ ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ତାଙ୍କର ସମ୍ମାନକୁ ସୁନିଶ୍ଚିତ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

# ବାତ୍ୟା ହେଉକି 'କରୋନା' ମଧ୍ୟବିତ୍ତ ସବର୍ଦା ଅବେହଳିତ

## ସରକାର ମଧ୍ୟବିତ୍ତଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରନ୍ତୁ : ପିଡିଏଚ୍ଆର୍ଆଇ

ଭୁବେନଶ୍ୱର,୨୬/୫: ବାତ୍ୟା ହେଉକି ମହାମାରୀ 'କରୋନା' ମଧ୍ୟବିତ ସବର୍ଦା ଅବେହଳିତ। କରୋନା ବିଶ୍ୱକୁ କବଳିତ କରି କନ୍ଦେଇଲା ଯେତିକି, ଚେତେଇଲା ସେତିକି ଆଉ ଚହ୍ଲେଇଲା ତା'ଠାରୁ ଅଧିକ। ଖଟିଖିଆ ଦିନ ମଜୁରିଆମାନଙ୍କୁ ଶିଖାଇଦେଲା କାଲିର ଅଭାବ ସମୟ ପାଇଁ କିଛି ରଖିବାକୁ ହେବ। ମାତ୍ର କନ୍ଦାଇଲା ମଧ୍ୟବିତ ବଗର୍ର ଜନସାଧାରଣଙ୍କୁ, ଯାହାଙ୍କ ପାଖେର ନା ତ ବଷର୍ବର୍ଷ ଧରି ଚଳି ଯିବାକୁ ଧନ ସମ୍ପତି ଅଛି ନା ପ୍ରତି ଦିନ କାମ କରି ଅର୍ଥ ପାଇବାର ନିଶ୍ଚିତତା ଅଛି। ଏମାନଙ୍କର ଖଟିବାରେ କମ୍ ନାହିଁ, କିନ୍ତୁ ଅର୍ଥ ହାତକୁ ଆସିବ କି ନା, ତାହା ସନ୍ଦେହ। ମହାମାରୀ ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶ ତାଲାବନ୍ଦ ଭିତରେ ରହିଥିବା ବେଳେ ଏମାନଙ୍କ ଜୀବନ ଜୀବିକାରେ ମଧ୍ୟ ତାଲା ଲାଗି ଯାଇଛି। ଏହି ସମୟରୁ ବର୍ତ୍ତିବା ପାଇଁ ସରକାର ସମସ୍ତଙ୍କୁ ସହେଯାଗ କରୁଛନ୍ତି ଆଉ ଜନସାଧାରଣଙ୍କଠାରୁ ସହେଯାଗ ମଧ୍ୟ ପାଉଛନ୍ତି। ସ୍ୱଚ୍ଛଳ ବଗର୍ର ଜନତା ସରକାରଙ୍କର ରଲିଫ ପାଣ୍ଠିକୁ ଦାନ କରୁଛନ୍ତି। ନିମ୍ନ ବଗର୍ର ଜନତା ସରକାରଙ୍କଠାରୁ ଚାଉଳ, ଗହମ, ଡାଲି ପାଉଛନ୍ତି। କିନ୍ତୁ ଯିଏ ନା କିଛି ଦେଇ ପାରୁଛନ୍ତି, ନା କିଛି ପାଇ ପାରୁଛନ୍ତି, ସେମାନେ ହେଲେ ମଧ୍ୟବିତ ବଗର୍ର ସାଧାରଣ ଜନତା। ଏପରିକି ଭାତ ଖାଉଥିବା ଲୋକଙ୍କ ପାଖରେ ଗହମ ଆଉ ଚୁଲିରେ ରୋଷେଇ କରୁଥିବା ଲୋକଙ୍କ ଘରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ମିଳୁଛି। ଅଥଚ ଯିଏ ଏହା ଭିତରେ ନେବା ଦେବା ସବୁଥିରୁ ବଂଚିତ ହୋଇ ତ୍ରିଶଙ୍କୁ ଅବସ୍ଥାରେ ରହିଛନ୍ତି, ସେମାନେ ହେଲେ ମଧ୍ୟବିତ ବଗର୍ର । ପ୍ରବାସରେ ଯେଉଁମାନେ ବସବାସ କରୁଥିଲେ, ସେମାନଙ୍କ ଭିତରେ ଥିବା ଏହି ମଧ୍ୟବିତ ପରିବାରମାନଙ୍କର ଅବସ୍ଥା ତ କହିଲେ ନସରେ। କାରଣ ଥିଲାବାଲା ଗାଡ଼ି ମୋଟର ଭଡ଼ା କରି ଘରକୁ ଚାଲି ଆସିଲେ। ଆଉ ଖଟିଖିଆ ମଜୁରିଆମାନଙ୍କୁ ସରକାରୀ, ବେସରକାରୀ ସଂସ୍ଥାମାନେ ସହାୟତା ପ୍ରଦାନ କେଲ, କିନ୍ତୁ ଏମାନେ ଅବହେଳିତ ହୋଇଗଲେ। କେବଳ ତାଲାବନ୍ଦ ସମୟପାଇଁ ନୁହେଁ, ବରଂ ସବୁ ସମୟରେ ମଧ୍ୟ ଏହିପରି ତାରତମ୍ୟ ଭିତରେ ଆମ ଦେଶ ଗତି କରୁଛି।




ମଝିରେ ରହିଥିବା ଏହି ମଧ୍ୟବିତ ବଗର୍ର ଲୋକମାନେ ଅସୁବିଧା ସମୟରେ ଏମିତି ସୁବିଧା ପାଇବାରେ ଅସମାନତା ସିନା ଭୋଗିଲେ, କିନ୍ତୁ ସରକାରଙ୍କୁ କର ଦେବା ବେଳକୁ ଅନ୍ୟମାନଙ୍କ ପରି ସମାନ ଭାବରେ ଏମାନଙ୍କୁ ମଧ୍ୟ କର ଦେବାକୁ ପଡ଼ିଥାଏ। ଆଉ ମୁଣ୍ଡପିଛା ଋଣ ହିସାବ ବେଳେ ମଧ୍ୟ ଏମାନେ ଗୋଟିଏ ଗୋଟିଏ ମୁଣ୍ଡ ଭାବରେ ଗଣା ହୋଇ ଥାଆନ୍ତି। ରାଜକୋଷକୁ ଡରିମରି ଠିକ୍ ସମୟରେ କର ପ୍ରଦାନ କରନ୍ତି ଏହିମାନେ। ଆଉ ବିପଦ ଆପଦ ସମୟରେ କାନ୍ଧକୁ କାନ୍ଧ ଲଗାଇ, ସେଥିରୁ ମୁକୁଳାଇବାକୁ ଆଗ ଅଂଟା ଭିଡ଼ନ୍ତି ଏହିମାନେ। ଅଥଚ ସମାଜରେ ପ୍ରକୃତରେ ସବୁଠାରୁ ଅବେହଳିତ ହେଉଛନ୍ତି ଏହିମାନେ। ଗଛ ଲଗାଇ ଫଳ ଖାଇବାରୁ ବଂଚିତ ହେଉଛନ୍ତି ଏହି ମଧ୍ୟବିତମାନେ। ଲାଗୁଛି, ଆଗକୁ ଏହିପରି ସାମାଜିକ ତାରତମ୍ୟକୁ ପ୍ରତିହତ କରା ନଗଲେ, ସମାଜରେ ତଳକୁ ତଳ ଖସି ଏମାନେ ପୁଣି ଗରିବ ସଂଖ୍ୟା ବଢ଼ାଇଦେବ। ମଧ୍ୟବିତ ମାନଙ୍କୁ ସରକାର ଏହିପରି ଅଣଦେଖା କରୁଥିବ ତେବେ ସମାଜ ଅବସ୍ଥା ନିଶ୍ଚିତ ଭାବରେ ସଙ୍କଟାପନ୍ନ ହେବ। ଜନତାଙ୍କ ହିତ ପାଇଁ ଜନମଙ୍ଗଳ ରାଷ୍ଟ୍ରର ସରକାର ଅନେକ ଜନହିତକର କାର୍ଯ୍ୟ ହାତକୁ ନେଉଛନ୍ତି, କିନ୍ତୁ ହିତାଧିକାରୀ ଚୟନରେ ବହୁ ଦୋଷ ଦୁବର୍ଳତା ରହିଯାଉଛି, ଯାହାକୁ ସୁଧାରି ପ୍ରୟାସ କରାଯିବା ଆବଶ୍ୟକ। ଏଥିପାଇଁ ମଧ୍ୟବିତ ପରିବାରଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସହାୟତା ପ୍ରଦାନ ପାଇଁ ଯୋଜନା କରିବାକୁ ଭାରତୀୟ ଗଣତାନ୍ତ୍ରୀକ ମାନବ ଅଧିକାର ସୁରକ୍ଷା ସଂଗଠନର କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁ ଓ ରାଜ୍ୟ ସଭାପତି ଗଦାଧର ଦାସ ଦାବି କରିଛନ୍ତି।

## ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଡ. ଭାବଗ୍ରାହୀ ମହାପାତ୍ରଙ୍କ ବିୟୋଗ

ଭୁବନେଶ୍ୱର,୨୮/୫ (ନି.ପ୍ର): ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଡ. ଭାବଗ୍ରାହୀ ମହାପାତ୍ରଙ୍କ ଆଜି ରାଉରକେଲା ଠାରେ ଦେହାନ୍ତ ହୋଇଯାଇଛି। ଏହି ଦୁଃଖଦ ଘଟଣା ପାଇଁ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସମ୍ବଲପୁର ଜିଲ୍ଲାରେ ଜନ୍ମିତ ତଥା ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ମୁଖ୍ୟ ରସାୟନବିତ୍ ଡ. ମହାପାତ୍ର ତିନିବର୍ଷ ଧରି ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ସଭାପତି ଭାବେ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କର ଏହି ବିୟୋଗଜନିତ ଦାରୁଣ ଆଘାତର ସମ୍ମୁଖୀନ ହେବାପାଇଁ ତାଙ୍କ ପରିବାରବର୍ଗଙ୍କୁ ମନୋବଳ ଦେବା ଉଦ୍ଦେଶ୍ୟରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଟି ବୋଲି ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଶ୍ରୀ ବସନ୍ତ କୁମାର ତ୍ରିପାଠୀ ଏବଂ ସାଧାରଣ ସମ୍ପାଦକ ଡା. ରାଧାନାଥ ପ୍ରହରାଜ ଜଣାଇଛନ୍ତି।

## ଥ୍ରମ୍ବୋସିସ୍ ଓ ଥ୍ରମ୍ବୋସାଇଟୋପେନିକ୍ ସିଣ୍ଡ୍ରୋମ୍ ନେଇ ଜାରି ହେଲା ଉପଦେଶାବଳୀ



ଭୁବନେଶ୍ୱର ,୨୮/୫ (ନି.ପ୍ର): କୋଭିସିଲ୍‌ଡ ଟିକା ନେବା ପରେ କିଛି ଲୋକଙ୍କଠାରେ ଥ୍ରମ୍ବୋସିସ୍ ଓ ଥ୍ରମ୍ବୋସାଇଟୋପେନିକ ସିଣ୍ଡ୍ରୋମ୍ ବା ଟିଟିଏସ୍ ଦେଖିବାକୁ ମିଳୁଛି। ଦେଶରେ ୧୦ଲକ୍ଷ ଡୋଜ୍‌ରେ ୦.୬୧ ପ୍ରତିଶତ ଲୋକଙ୍କଠାରେ ଏହା ନଜରକୁ ଆସିଛି। ମାତ୍ର 'କୋଭାକ୍ସିନ୍' କ୍ଷେତ୍ରରେ ଏଭଳି କୌଣସି ଘଟଣା ନଜରକୁ ଆସିନାହିଁ। ଯଦିଓ ଏଭଳି ଘଟଣା ବେଶ ନଗଣ୍ୟ ତଥାପି ଏହାର ଚିକିତ୍ସା ଅତ୍ୟନ୍ତ ଜରୁରୀ।

ବୁଧବାର ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାପାଳ ଓ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ବ୍ରିଟେନ୍‌ରେ ପ୍ରତି ୧୦ଲକ୍ଷ ଡୋଜ୍‌ରେ ୪ଜଣଙ୍କଠାରେ ଓ ଜର୍ମାନିରେ ୧୦ଜଣଙ୍କଠାରେ ଟିଟିଏସ୍ ଦେଖା ଯାଉଥିବା ବେଳେ ଭାରତରେ ଏହା ଯଥେଷ୍ଟ କମ୍ ରହିଛି। ଟିକାର ପାର୍ଶ୍ୱ ପ୍ରତିକ୍ରିୟା ବା ଏଇଏଫଆଇ ପାଇଁ ଗଠିତ ହୋଇଥିବା ଜାତୀୟସ୍ତରୀୟ କମିଟି ୨ଟି ଉପାଦେଶାବଳୀ ଜାରି କରିଛି। ଏଥିରେ କରୋନା ଟିକାକରଣ ପରେ ଯଦି ଟିଟିଏସ୍‌ର ଚିହ୍ନଟ ଓ ଚିକିତ୍ସା କରିବା, ଟିକା ନେଇଥିବା ହିତାଧିକାରୀଙ୍କଠାରେ ଯଦି ଏହି ଲକ୍ଷଣ ଦେଖାଯାଏ ତାହେଲେ ବିଭାଗକୁ ଜଣାଇବା ସହିତ ଚିକିତ୍ସା କରିବା ଜରୁରୀ ବୋଲି କୁହାଯାଇଛି। ତେଣୁ ଟିଟିଏସ୍ ପାଇଁ ଉଭୟ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟାନୁଷ୍ଠାନରେ ଜନସଚେତନତା ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## କୋଭିଡ୍ ପରିଚାଳନା ନିମନ୍ତେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାକୁ ସହାୟତା ଯୋଗାଇବ ଔଷଧ ନିଗମ

ଭୁବନେଶ୍ୱର,୨୮/୫ (ନି.ପ୍ର): ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାରେ ଉତ୍କୃଷ୍ଟ କୋଭିଡ୍ ପରିଚାଳନା ନିମନ୍ତେ ଆବଶ୍ୟକ ଡାକ୍ତରୀ ସରଞ୍ଜାମ ଓ ଉପକରଣ ଓଡ଼ିଶା ଔଷଧ ନିଗମ ଯୋଗାଇବ। ଏ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ନୀତିଗତ ନିଷ୍ପତି ନିଆଯାଇଛି। ଯେହେତୁ ରାଜ୍ୟ ସରକାରଙ୍କ ତରଫରୁ ଏହି ନିଗମ ଡାକ୍ତରୀ ସରଞ୍ଜାମ ଓ ଉପକରଣ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଂଗ୍ରହ କରିବା ପାଇଁ ଆବଶ୍ୟକୀୟ ବୈଷୟକ ଯୋଗ୍ୟତା, ଅନୁଭୂତି ରହିଛି, ତେଣୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପରାମର୍ଶ କ୍ରମେ ସମସ୍ତ ଜିଲ୍ଲାପାଳଙ୍କୁ ଏସବୁ ସାମଗ୍ରୀ ନିଗମ ମାଧ୍ୟମରେ ଯୋଗାଇ ଦେବା ପାଇଁ ଜଣାଇ ଦିଆଯାଇଛି । ଏହା ବ୍ୟତୀତ ଆବଶ୍ୟକୀୟ ସିଭିଲ୍ ଓ ବିଦ୍ୟୁତିକରଣ କାମ, ଆଇସିୟୁ ଶଯ୍ୟା, ଅମ୍ଳଜାନ ପାଇପଲାଇନ୍, ଡିଜି ସେଟ୍ ଇତ୍ୟାଦି ଡାକ୍ତରୀ ଓ ଅଣଡାକ୍ତରୀ ସରଞ୍ଜାମ ପାଇଁ ଜିଲ୍ଲାପାଳମାନେ ସିଧାସଳଖ ସ୍ଥାନୀୟ ବ୍ୟବସ୍ଥା ଅନୁସାରେ କ୍ରୟ ଓ ଯୋଗାଡ଼ କରିବେ ।

ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଉପଯୁକ୍ତ କୋଭିଡ୍ ପରିଚାଳନା ନିମନ୍ତେ ଆବଶ୍ୟକୀୟ ଜରୁରୀ ସରଞ୍ଜାମ ସଂଗ୍ରହ ଏବଂ ଭିତିଭୂମି ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ କିଛିଦିନ ପୂର୍ବରୁ ୨୫ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଥିଲା। ଜିଲ୍ଲାଗୁଡ଼ିକ ତରଫରୁ ଏଥିପାଇଁ ଯଥାଶୀଘ୍ର ପ୍ରସ୍ତାବ ଦେବାକୁ କୁହାଯାଇଥିଲା। ଏଥି ପାଇଁ ଜିଲ୍ଲାପାଳମାନଙ୍କ ସହ ପରାମର୍ଶ କରାଯାଇଥିଲା। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ଏହି ପ୍ରସ୍ତାବଗୁଡ଼ିକ ହସ୍ତଗତ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ବ୍ୟାପକ ବିଚାରବିମର୍ଶ ପରେ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରିବା ସହ ଜରୁରୀ ସାମଗ୍ରୀ ସଂଗ୍ରହ ପାଇଁ ସବୁଜ ସଂକେତ ପ୍ରଦାନ କରାଯାଇଛି।

## ଶିକ୍ଷାନୁଷ୍ଠାନମାନଙ୍କୁ କାର୍ଯ୍ୟସ୍ଥଳୀରେ ଟିକାକରଣ ଅନୁମତି

ଭୁବନେଶ୍ୱର ,୨୮/୫ (ନି.ପ୍ର): ଏଣିକି ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନମାନେ କାର୍ଯ୍ୟସ୍ଥଳୀରେ ନିଜ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କୁ ଟିକା ଦେଇପାରିବେ। ଟିକାକରଣକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘରୋଇ ହସ୍ପିଟାଲମାନଙ୍କୁ ଟିକା ଉତ୍ପାଦନକାରୀ ସଂସ୍ଥାଠାରୁ ସିଧାସଳଖ ଟିକା କିଣିବା ଲାଗି ଅନୁମତି ଦିଆଯାଇଛି। କୌଣସି ଘରୋଇ ହସ୍ପିଟାଲର ସହଯୋଗରେ ଶିକ୍ଷାନୁଷ୍ଠାନମାନେ ନିଜସ୍ୱ ଖର୍ଚ୍ଚରେ ଟିକାକରଣ କରିପାରିବେ। ଏ ନେଇ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳ, ନଗର ନିଗମ ଓ ସିଡିଏମ୍‌ଓଙ୍କୁ ଚିଠି ଜାରି କରାଯାଇଛି।



ଶିକ୍ଷାନୁଷ୍ଠାନର କର୍ମଚାରୀ ଓ ସେମାନଙ୍କ ପରିବାର ଲୋକ କରୋନା ଟିକାକରଣରେ ସାମିଲ କରାଯାଇଥିବା ବେଳେ ଶିକ୍ଷାନୁଷ୍ଠାନ, ଘରୋଇ ସଂସ୍ଥା ଓ ସରକାରୀ କାର୍ଯ୍ୟସ୍ଥଳୀରେ ଥିବା ଟିକାକରଣ କେନ୍ଦ୍ରରେ ଟିକା ନେଇପାରିବେ। ତେବେ ଶିକ୍ଷାନୁଷ୍ଠାନ ଓ ଘରୋଇ ସଂସ୍ଥାର କର୍ମଚାରୀ ଓ ପରିବାର ଲୋକଙ୍କ ପାଇଁ ଘରୋଇ ହସ୍ପିଟାଲ କିମ୍ବା ଶିକ୍ଷାନୁଷ୍ଠାନକୁ ଟିକା କିଣିବାକୁ ହେବ। ଅପରପକ୍ଷରେ ସରକାରୀ ଟିକାକରଣ କେନ୍ଦ୍ରରେ ୪୫ବର୍ଷରୁ ଅଧିକ ହିତାଧିକାରୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟିକା ଓ ୧୮-୪୪ବର୍ଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଟିକା ନେଇପାରିବେ। ତେଣୁ ୧୮-୪୪ବର୍ଗର ଟିକାକରଣ ପାଇଁ କୋ-ୱିନ୍ ଆପ୍‌ରେ କାର୍ଯ୍ୟସ୍ଥଳୀରେ ସାମ୍ଭାବ୍ୟ ଟିକାକରଣ ନେଇ ଅଧିକାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି।

## ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ବାତ୍ୟା ୟାସ୍ ଆକଳନଠାରୁ କମ୍ କ୍ଷୟକ୍ଷତି କରି ଟଳିଗଲା- ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର,୨୮/୫ (ନି.ପ୍ର): ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ କୃପାରୁ ବାତ୍ୟା ୟାସ୍ ଆକଳନ ଠାରୁ କମ୍ କ୍ଷୟକ୍ଷତି କରି ଟଳିଗଲା ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ସେ ଟ୍ୱିଟ କରି କହିଛନ୍ତି ଯେ ଲୋକଙ୍କର ଘରଦ୍ୱାର, ରାସ୍ତାଘାଟ, ବିଜୁଳି, ଟେଲିଫୋନ୍ ବ୍ୟବସ୍ଥା ଆଦି କ୍ଷତି ହୋଇଛି। ମୃତ୍ୟୁ ସଂଖ୍ୟା ଓଡ଼ିଶାରେ ପ୍ରାୟ ୨ରେ ସୀମିତ ରହିଛି। ସେମାନଙ୍କ ପରିବାର ପ୍ରତି ଆମେ ସହାନୁଭୂତି ପ୍ରକଟ କରିବା ସହିତ ତାଙ୍କର ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରିବା ପାଇଁ ପରମେଶ୍ୱରଙ୍କ ଚରଣରେ ପ୍ରାର୍ଥନା ଜଣାଉଛୁ । ଏକ ମହା ବିପଦରୁ ଓଡ଼ିଶାକୁ ଓ ଭାରତକୁ ରକ୍ଷା କରିଥିବାରୁ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଅଛୁ ।

# ବାତ୍ୟା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ ଏବିଭିପିର ଦାବି

ଭୁବନେଶ୍ୱର,୨୮/୫ (ନି.ପ୍ର): ବାତ୍ୟା ୟଶ ଅମାନୁଷିକ ଭାବରେ ଉତର ଉପକୂଳ ଓଡିଶାକୁ ସ୍ତବ୍ଧ କରି ଦେଇଛି। ବିଶେଷ କରି ଭଦ୍ରକ ଓ ବାଲେଶ୍ୱର, କେନ୍ଦ୍ରାପଡାରେ ଏହାର ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ଜଗତସିଂହପୁର, ମୟୂରଭଞ୍ଜ ମଧ୍ୟ ପ୍ରଭାବିତ ହୋଇଛି। ଏବିଭିପିର କାର୍ଯ୍ୟକର୍ତା ମାନେ ପ୍ରଭାବିତ ଅଂଚଳରେ ପହଂଚି ରାସ୍ତାରେ ପଡି ଯାଇଥିବା ଗଛପତ୍ର ସଫା କରିବା ସହ ଲୋକମାନଙ୍କୁ ଚୁଡା, ଗୁଡ ଆଦି ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି। କରୋନା କାଳରେ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ମାସ୍କ, ସାନିଟାଇଜର ଆଦି ବଂଟନ କରିବା ସହ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ସଚେତନ କରାଯାଇଛି। କରୋନା ସମୟରେ ଲକଡାଉନ ହେତୁ ଲୋକେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ଏହି ବାତ୍ୟା ଆର୍ଥିକ ମେରୁଦଣ୍ଡକୁ ଆହୁରି ଭାଙ୍ଗି ଦେଇଛି। ସମସ୍ତ ଚାଷଜମି ଜଳମଗ୍ନ ହେବା ସହ ଲୁଣି ପାଣି ଆସିବାରୁ ଆଗାମୀ ଦୁଇ-ତିନି ବର୍ଷ ହେବ କିପରି ଚାଷ ହେବ ତାହା ଚିନ୍ତାର କାରଣ ପାଲଟିଛି। ସେହିପରି କାହାର ଘର ଭାଙ୍ଗି ଯାଇଛି ତ କାହାର ବହିପତ୍ର ଭାସି ଯାଇଛି। କରୋନା ହେତୁ ଦୁଇ ବର୍ଷ ହେଲା ପାଠପଢା ଠିକ ନଥିବା ବେଳେ ଏହି ବାତ୍ୟା ଶିକ୍ଷାକୁ ଏକ ପ୍ରକାରର ପଙ୍ଗୁ କରି ଦେଇଛି। ଏହି ସମୟରେ ଲୋକଙ୍କୁ ଉଚିତ ଖାଦ୍ୟ ପାନୀୟ ଦେବା ସହ ବେଶୀ ପ୍ରଭାବିତ ଲୋକଙ୍କ ସଠିକ ତାଲିକା କରି ଯଥାଶୀଘ୍ର ପ୍ୟାକେଜ ଘୋଷଣ କରିବାକୁ ଅଖିଳ ଭାରତୀୟ ପରିଷଦ ଦାବି କରିଛି। ଅର୍ଥନୀତି ଓ ଭିତିଭୂମିର ପୁନରୁଦ୍ଧାର ଏବଂ ଶିକ୍ଷା, କୃଷି, ପରିବେଶକୁ ଦୃଷ୍ଟିରେ ରଖି ପ୍ରତ୍ୟେକ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି ଦାବି କରିଛନ୍ତି। ବିଶେଷ ପ୍ରଭାବିତ ଜିଲ୍ଲା , ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ମୟୂରଭଞ୍ଜ ପାଇଁ ସରକାର ଯଥାଶୀଘ୍ର ଏହି ପ୍ୟାକେଜ ଘୋଷଣା କରିବାକୁ ଏବିଭିପି ଦାବି କରିଛି।

# ୟାସ୍ ମହାବାତ୍ୟା କ୍ଷତିଗ୍ରସ୍ତ ପରିବାରକୁ ଦେବଦୂତ ସାଜି ସହାୟତାର ହାତ ବଢ଼ାଇଲେ ସବ୍ୟସାଚୀ



ନୀଳଗିରି,୨୭/୦୫ (ନି.ପ୍ର): ୟସ୍ ମହାବାତ୍ୟାରେ ନୀଳଗିରି ଅଞ୍ଚଳରେ ଛଳ ଛପର ଘରେ ରହୁଥିବା ଦୀନ ମଜୁରିଆ ମାନେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନେକ ଛଳ ଛପର ଘର ୟସ ବାତ୍ୟାରେ ନଷ୍ଟ ହୋଇଥିବା ବେଳେ ଜୀବନଜୀବୀକା ସଂପୂର୍ଣ୍ଣ ଠପ୍ ପାଲଟିଥିବା ବେଳେ ନୀଳଗିରିର ସମାଜସେବୀ ସବ୍ୟସାଚୀ ମହାପାତ୍ର ଓରଫ ଟୁବୁଲୁ ନିଜର ସହଯୋଗୀଙ୍କୁ ଧରି କ୍ଷତିଗ୍ରସ୍ତ ପରିବାରମାନଙ୍କ ଠାରେ ପହଞ୍ଚି ଶୁଖିଲା ଖାଦ୍ୟ ଦେବା ସହ ରୋଗାଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ଦେଉଥିବାର ଦେଖିବାକୁ ମିଳିଛି । ନୀଳଗିରି ବ୍ଲକର ଅଯୋଧ୍ୟା ପଞ୍ଚାୟତରେ ବିଭିନ୍ନ ଗାଁ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମେତ ନୀଳଗିରି ଏନ.ଏ.ସି.ର ବିଭିନ୍ନ ୱାର୍ଡରେ ବୁଲିବୁଲି ଶୁଖିଲାଖାଦ୍ୟ ଦେଉଥିବାର ଜଣାପଡ଼ିଛି । ଏପରିକି ଏକ ଅଟୋରେ ଜେନେରେଟର ଲଦି ପିଇବା ପାଣି, ଶୁଖିଲା ଖାଦ୍ୟ, ଶାଢ଼ୀ, ଲୁଙ୍ଗି, ପଲିଥିନ ଇତ୍ୟାଦି କ୍ଷତିଗ୍ରସ୍ତ ପରିବାରକୁ ବାଣ୍ଟିଛନ୍ତି । ମହାବାତ୍ୟା ସମୟରେ ସବ୍ୟସାଚୀ ମହାପାତ୍ରଙ୍କର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି ।

# ଉତ୍କଳମଣି ନିଃସ୍ୱାର୍ଥ ସେବା ସଂଗଠନ ପକ୍ଷରୁ ବାତ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ନୀଳଗିରି,୨୭/୦୫ (ନି.ପ୍ର): ନୀଳଗିରିର ଅଗ୍ରଣୀ ସଂଗଠନ ଉତ୍କଳମଣି ନିସ୍ୱାର୍ଥ ସେବା ସଂଗଠନ ପକ୍ଷରୁ ଗୁରୁବାର ଦିନ ନୀଳଗିରି ଏନ.ଏ.ସି.ର ୮ନଂ. ୱାର୍ଡ ଗୁଡ଼ିଖାଣିଆରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ସଂଗଠନର ପ୍ରତିଷ୍ଠାତା ଅମୂଲ୍ୟ କୁମାର ଜେନାଙ୍କ ନିର୍ଦ୍ଦେଶରେ ତାଙ୍କର ସଦସ୍ୟମାନେ ଉକ୍ତ ଗ୍ରାମରେ ପହଞ୍ଚି ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ପ୍ରଶାସନ ପକ୍ଷରୁ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟରେ ସଂଗଠନର ସଦସ୍ୟ କୃପାସିନ୍ଧୁ ବାରିକ, ଅଭିମନ୍ୟୁ ପାତ୍ର, ଦୀପ୍ତିକାନ୍ତ ମହାପାତ୍ର, ଦେବପ୍ରସାଦ ମହାନ୍ତି, ଦାମେଦର ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

# ପାଣି ଘେରରେ ଗାଁ, ନାଳ ଅବରୋଧ ନେଇ ତୁମ୍ଭିତୋଫାନ



ନୀଳଗିରି,୨୭/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ.ଏ.ସି.ର ୧ନଂ. ୱାର୍ଡ ବାପୁଜି କଲୋନୀରେ ଜଳବନ୍ଦିରେ କିଛି ଘର ଅଛି । ବର୍ଷା ଜଳ ନିଷ୍କାସନ ନ ହୋଇପାରିବାରୁ ବହୁ ଘର ଭିତରକୁ ପାଣି ପଶିଥିଲା । ଏପରିକି କାର ମଧ ବୁଡ଼ିଯାଇଥିଲା । ପାଣି ନିଷ୍କାସନ ହୋଇ ନ ପାରିବାରୁ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ଜଣେ ପରିବାର ଡ୍ରେନ ଉପରେ କଂକ୍ରିଟ କରିଥିବାରୁ ଏପରି ପରିସ୍ଥିତି ଉପୁଜିଛି । ଏନ.ଏ.ସି. ନିର୍ବାହୀ ଅଧିକାରୀ ଖବର ପାଇ ମେସିନ ସାହାଯ୍ୟରେ କଂକ୍ରିଟ ଭାଙ୍ଗି ଅସ୍ଥାୟୀ ଡ୍ରେନ କରିବା ପରେ ଜଳ ନିଷ୍କାସନ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଅନୁରୂପ ଭାବେ ୧୧ନଂ. ୱାର୍ଡ ଷ୍ଟେସନ ସାହିରେ ରବିନ୍ଦ୍ର ବେହେରା ଘର ପାଣି ପଶିଯିବାରୁ ଏନ.ଏ.ସି. ନିର୍ବାହୀ ଅଧିକାରୀ ମେସିନ ପଠାଇ ଡ୍ରେନ୍ ଅବରୋଧକୁ ହଟାଇବାରୁ ପାଣି ନିଷ୍କାସନ ହୋଇଥିଲା । ନିର୍ବାହୀ ଅଧିକାରୀଙ୍କ ତୁରନ୍ତ ଏକ୍ସନ କୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ବିକେଏମ୍ୟୁର ସର୍ବ ଭାରତୀୟ ଦାବି ଦିବସ ପାଳିତ

ଭୁବନେଶ୍ୱର,୨୭/୦୫ (ନି.ପ୍ର): କ୍ଷେତ ମୂଲିଆମାନଙ୍କୁ କରୋନା ସାହାଯ୍ୟ ଓ ବଂଚିବାର ସର୍ବନିମ୍ନ ଦାବି ନେଇ ଭାରତୀୟ କ୍ଷେତମଜଦୁର ୟୁନିୟନ ବା ବିକେଏମ୍ୟୁ ପକ୍ଷରୁ ଗତକାଲି ଭୁବନେଶ୍ୱରରେ ସର୍ବ ଭାରତୀୟ ଦାବି ଦିବସ ପାଳିତ ହୋଇଯାଇଛି । ଭଗବତୀ ଭବନ ସମ୍ମୁଖରେ ବ୍ୟାନର ଓ ପ୍ଲାକାର୍ଡ ସହ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିକେଏମ୍ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଏଥିରେ ଉଦ୍‌ବୋଧନ ଦେଇ କହିଲେ– କ୍ଷେତ ମୂଲିଆମାନେ ହେଉଛନ୍ତି ସବୁଠାରୁ ଗରିବ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ । ତେଣୁ ସେମାନଙ୍କୁ କରୋନା ସାହାଯ୍ୟ ମାସକୁ ୬ହଜାର ଟଙ୍କା ଯୋଗାଇ ଦେବା ସହିତ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ, ରାଜ୍ୟରେ କଲ୍ୟାଣ ବୋର୍ଡ ଗଠନ, ଦଖଲ ଜମି ଓ ଘରଡିହ ପଟ୍ଟା, ୬୦ ବର୍ଷରୁ ଊର୍ଦ୍ଧ୍ୱ ମୂଲିଆଙ୍କୁ ମାସିକ ୫ ହଜାର ଟଙ୍କା ପେନସନ, ସର୍ବନିମ୍ନ ଦୈନିକ ମଜୁରି ୬ଶହ ଟଙ୍କା, ସମସ୍ତଙ୍କୁ ରାସନ କାର୍ଡ ଓ ଇନ୍ଦିରା ଆବାସରେ ପକ୍କା ଗୃହ ଯୋଗାଇ ଦିଆଯାଉ । ଅନ୍ୟମାନଙ୍କ ମଧ୍ୟରେ ବିକେଏମ୍ୟୁ ଜିଲ୍ଲା ସଭାପତି ଶରତ ସ୍ୱାଇଁ, ଜିଲ୍ଲା ସମ୍ପାଦକ ସର୍ବେଶ୍ୱର ମାର୍ଥା, ଏଆଇଏସଏଫ ରାଜ୍ୟ ସଭା ନେତ୍ରୀ ସଂଘମିତ୍ରା ଜେନା, କ୍ଷେତ ମୂଲିଆ ନେତା ଲୋକନାଥ ଭୋଇ, ଛେତମ୍ବର ଭୋଇ, କୁନା ଜାଲି ଓ ପଂଚାନନ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

## କୋଭିଡ ନିୟମ ଉଲ୍ଲଂଘନ ମାମଲାରେ ୬ ଗିରଫ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୬ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୫,୭୭,୨୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ବାତ୍ୟା ମୃତ ଯୁବକଙ୍କ ପରିବାରକୁ ମନ୍ତ୍ରୀ ଓ ବିଧାୟକଙ୍କ ସହାୟତା

ବାଲେଶ୍ୱର,୨୭/୦୫ (ନି.ପ୍ର): ବାତ୍ୟା ବେଳେ ଗଛପଡ଼ି ମୃତ୍ୟୁ ବରଣ କରିଥିବା ଯୁବକ ମଣ୍ଟୁ ଜେନାଙ୍କ ପରିବାରକୁ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସଦର ବିଧାୟକ ସ୍ୱରୂପ ଦାସ ଆଜି ସହାୟତା ପ୍ରଦାନ କରିଛନ୍ତି । ଦୁଇ ଲୋକ ପ୍ରତିନିଧି ସହରର ଭାସ୍କଗଞ୍ଜସ୍ଥିତ ତାଙ୍କ କୁଡ଼ିଆ ଘରେ ମଣ୍ଟୁର ମାଆ ଓ ଭଉଣୀକୁ ସେମାନେ ସମବେଦନା ଜଣାଇବା ସହ କିଛି କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ରେଲୱେ କଲୋନୀ ସରକାରୀ ଜାଗାରେ ସେମାନେ ଏକ କୁଡ଼ିଆଘରେ ରହୁଥିବା ବେଳେ ଆଗାମୀ ଦିନରେ ସେମାନଙ୍କ ପାଇଁ ଜାଗା ସହ ସ୍ଥାୟୀ ବାସଗୃହ ପ୍ରଦାନ ପାଇଁ ଉଚିତ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଓ ବିଧାୟକ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପକ୍ଷରୁ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟରେ ସଂଗଠନର ସଦସ୍ୟ କୃପାସିନ୍ଧୁ ବାରିକ, ଅଭିମନ୍ୟୁ ପାତ୍ର, ଦୀପ୍ତିକାନ୍ତ ମହାପାତ୍ର, ଦେବପ୍ରସାଦ ମହାନ୍ତି, ଦାମେଦର ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## ଟ୍ରାକରେ ଭଜନ ଗାଇ କମାଲ କଲେ ସତ୍ୟବ୍ରତ, ବଡ଼ ଗୀତିକାର ହେବାକୁ ଆଶା



ନୀଳଗିରି,୨୭/୦୫ (ନି.ପ୍ର): ଟ୍ରାକରେ ବିଭିନ୍ନ ଭଜନ ଗାଇ କମାଲ ଦେଖାଇଛନ୍ତି ନୀଳଗିରି କଲେଜର +୨ ୧ମ ବର୍ଷର ଛାତ୍ର ସତ୍ୟବ୍ରତ ଜେନା । ପଢ଼ା ସାଂଗକୁ ଗୀତକୁ ଆପଣାର କରି ଟ୍ରାକରେ ବିଭିନ୍ନ ଭଜନ ଗାଇ ସମସ୍ତଙ୍କୁ ଆପଣାର କରିଛନ୍ତି । ଜଗନ୍ନାଥଙ୍କ ଭଜନ 'ତୋ ଆଗରେ କିଛି ଧୂପ', 'ତୁ ବଡ଼ ଦାଣ୍ଡେ ଥିବୁ', 'ତୋ ଦେହ ପାଟଲୁଗା', 'ନନ୍ଦିଘୋଷରେ ତୁ ଯିବୁ' ଆଦି ଭଜନ ବେଶ ସୁନ୍ଦର ଭାବେ ଗାଇଥିବା ଦେଖିବାକୁ ମିଳିଛି । ଟ୍ରାକରେ ଗାଇଥିବା ସମସ୍ତ ଭଜନ ବେଶ ମନମୁଗ୍ଧକର ହୋଇଥିବା ବେଳେ ଭବିଷ୍ୟତରେ ସେ ଜଣେ ଗୀତିକାର ହେବାର ଲକ୍ଷ ରହିଛି ବୋଲି ଆଶା ରଖିଥିବା ସତ୍ୟବ୍ରତ ସୂଚନା ଦେଇଛନ୍ତି । ସତ୍ୟବ୍ରତର ବାପା ନୀଳଗିରି ମେଡିକାଲରେ କିରାଣୀ ଭାବେ କାର୍ଯ୍ୟ କରୁଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ପୁନରୁଦ୍ଧାର....

ମାନଙ୍କୁ ରିଲିଫ ଓ ସ୍ଥାନାନ୍ତର କାର୍ଯ୍ୟରେ ସେମାନଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ । କେନ୍ଦ୍ର ସରକାର ଏବଂ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଯଥା ଏନଡିଆରଫ୍ , ଆଇଏମଡି ଓ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାକୁ ସେମାନଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି । ବିଦ୍ୟୁତ ଯୋଗାଯୋଗ ପ୍ରକ୍ରିୟା ୭୫ ରୁ ୮୦ ପ୍ରତିଶତ ସ୍ୱାଭାବିକ ହୋଇଛି ବୋଲି ପ୍ରକାଶ କରି ସେ କହିଲେ ଯେ ଜଳମଗ୍ନ ଅଂଚଳ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ବିଦ୍ୟୁତ ଯୋଗାଯୋଗ ସ୍ୱାଭାବିକ ହୋଇଛି । ପାନୀୟ ଜଳ ପାଇଁ ଡିଜି ସେଟ୍, ଟ୍ୟାଙ୍କର ଜରିଆରେ ବ୍ୟବସ୍ଥା କରାଯାଉଛି । ସ୍ୱତନ୍ତ୍ର ରିଲିଫ କମିଶନର ପି.କେ. ଜେନା ଏକ ଉପସ୍ଥାପନା ରଖି କରିଥିଲେ ଯେ ଲୋକଙ୍କ ସୁରକ୍ଷା ପାଇଁ ୧୨ଟି ଜିଲ୍ଲାର ୭ ଲକ୍ଷ ୧୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୮୪୧୦ଟି ଆଶ୍ରୟ ସ୍ଥଳରେ ରଖାଯାଇଥିଲା । ୨୦୦ଟି ବ୍ଲକ୍ ରେ ପ୍ରବଳ ବର୍ଷା ହୋଇଥିଲା, ମୟୁରଭଂଜର କୁସୁମୀ ବ୍ଲକ୍ ରେ ୫୧୫ ମି.ମି ବର୍ଷା ହୋଇଥିଲା । ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳ ବଢୁଥିବା ସତ୍ୱେ ବନ୍ୟା ଆଶଙ୍କା କମ୍ । ବୈତରଣୀ ନଦୀର ନିମ୍ନାଂଚଳରେ ବନ୍ୟାର ସମ୍ଭାବନା ରହିଛି ଓ ସେଥିପ୍ରତି ସତର୍କ ଦୃଷ୍ଟି ରଖାଯାଇଛି । ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଥିଲା ଯେ ସମସ୍ତ ୩୩ ଓ ୧୧ କେଭି ଫିଡର ମରାମତି ପ୍ରକ୍ରିୟା ଜାରି ରହିଛି ଏବଂ ଏହା ଖୁବ୍ ଶୀଘ୍ର ଶେଷ ହେବ । ୩୦ ଲକ୍ଷ ପ୍ରଭାବିତ ଉପଭୋକ୍ତାଙ୍କ ମଧ୍ୟରୁ ଆଜି ସଂଧ୍ୟା ସୁଦ୍ଧା ୨୩ ଲକ୍ଷ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଯୋଗ ସ୍ୱାଭାବିକ କରାଯିବ । ସେହିପରି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ ସମୁଦାୟ ୬୨ଟି ବ୍ଲକ ପ୍ରଭାବିତ ହୋଇଛି । ସବୁ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ । ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡାରେ ବାତ୍ୟା ପ୍ରଭାବିତ ଅଂଚଳରେ ପ୍ରାୟ ୧ ଘଂଟା ଧରି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହା ପୂର୍ବରୁ ଗତକାଲି ସମୀକ୍ଷା କରିଥିଲେ ମୁଖ୍ୟମନ୍ତ୍ରୀ । ବାତ୍ୟା ପ୍ରଭାବିତ ୧୨୮ଟି ଗାଁର ସମସ୍ତ ପରିବାରକୁ ୭ ଦିନ ରିଲିଫ୍ ଦିଆଯିବ ବୋଲି ଘୋଷଣା କରିଥିଲେ । ସେହିପରି ବାତ୍ୟାରେ କ୍ଷତିଗସ୍ତ ହୋଇଥିବା ପ୍ରମୁଖ ରାସ୍ତାଗୁଡିକୁ ୨୪ ଘଂଟା ମଧ୍ୟରେ ମରାମତି କରାଯିବ । ଏବଂ ପ୍ରଭାବିତ ଜିଲ୍ଲାରେ ୮୦ ପ୍ରତିଶତ ବିଦ୍ୟୁତ ଯୋଗାଣକୁ ସ୍ୱାଭାବିକ କରିଯିବ । ଖୁବ କମ ସମୟ ମଧ୍ୟରେ ତଳିଆ ଅଂଚଳରୁ ୫ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ ପଂଚାୟତ ପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ପୁଲିସକୁ ସେମାନଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ । ସେହିପରି ବାତ୍ୟା ସମୟରେ ସ୍ୱାସ୍ଥ୍ୟ ସେବା ଯୋଗାଇଥିବାରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନବୀନ ଧନ୍ୟବାଦ ଜଣାଇଥିଲେ ।

## ଦେଶକୁ ଖୁବଶୀଘ୍ର ମିଳିବ....

ଯୋଗାଇ ଦେବାକୁ କହିଛନ୍ତି । ସୂଚନା ମୁତାବକ ଫାଇଜର ତରଫରୁ କୁହାଯାଇଛି କି ଫାଇଜର ଟିକା ଭାରତରେ ଦେଖାଦେଇଥିବା ସାର୍ସ-ସିଓବି -୨ ଭୂତାଣୁ ଉପରେ ବେସ୍ ପ୍ରଭାବଶାଳୀ ହେବ । ଏହି ଟିକା ୧୨ ବର୍ଷରୁ ଅଧିକ ବୟସ୍କଙ୍କ ଠାରେ ଦେଇହେବ । ଏହାକୁ ୨-୮ ଡିଗ୍ରୀ ତାପମାତ୍ରାରେ ୧ ମାସ ଯାଏଁ ରଖାଯାଇପାରିବ । ଫାଇଜର ଜୁଲାଇରୁ ଅକ୍ଟୋବର ମାସ ସୁଦ୍ଧା ଭାରତକୁ ୫ କୋଟି ଟିକା ଦେବାକୁ କହିଛି । ଏହାସହ ସେ ଟିକା ବାବଦରେ କିଛି ଅଗ୍ରୀମ ରାଶି ଭାରତ ସରକାରଙ୍କୁ ମାଗିଛି ।

# ରାଜଧାନୀରେ ୨୪ ଘଂଟାରେ ୪୭୧ ପଜିଟିଭ୍, ୧୦୬୨ ସୁସ୍ଥ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗୁରୁବାର ଆଉ ୪୭୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୧୧୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୩୫୩ ଲୋକାଲ୍ କେସ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୦୬୨ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆ ଓ ଓଲ୍ଡ ଟାଉନ୍ ରୁ ୧୫ ଜଣ ଲେଖାଏଁ, ଝାରପଡାରୁ ୧୪ ଜଣ, ଲକ୍ଷ୍ମୀସାଗରରୁ ୧୩ ଜଣ,ପାତ୍ରପଡାରୁ ୧୨ ଜଣ, ମଂଚେଶ୍ୱରରୁ ୧୨ ଜଣ, ନୟାପଲ୍ଲୀରୁ ୧୧ ଜଣ, ସହୀଦନଗରରୁ ୯ ଜଣ , ଡୁମଡୁମାରୁ ୯ ଜଣ, ରସୁଲଗଡ , ଗଜପତିନଗର, ବଡଗଡ, ଖଣ୍ଡଗିରି ରୁ ୮ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ସେହିପରି ରସୁଲଗଡ ଓ ନୟାପଲ୍ଲୀରୁ ୭ ଜଣ ଲେଖାଏଁ, ଟଙ୍କପାଣିରୋଡ୍ ରୁ ୬ ଜଣ, ଖଣ୍ଡଗିରି, ଶୈଳଶ୍ରୀବିହାର, ପଟିଆ ଓ ସହୀଦନଗରରୁ ୫ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୨୩୫୪ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୫୯୯୦୮ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୨୦୯୭ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୨୮ ରହିଛି ।

# ବାତ୍ୟା ୟାସ : ଟେଲି ଯୋଗାଯୋଗ ବ୍ୟବସ୍ଥା ଉପରେ ସର୍ବନିମ୍ନ ପ୍ରଭାବ

## ବାତ୍ୟା ସତର୍କ ସୂଚନା ପାଇଁ ଟେଲିଯୋଗାଯୋଗ ନେଟୱାର୍କର ବ୍ୟାପକ ଉପଯୋଗ

ଭୁବନେଶ୍ୱର୨୭/୦୫ (ନି.ପ୍ର): ପଶ୍ଚିମବଙ୍ଗ, ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଏସଡିଏମଏ)ଙ୍କ ପକ୍ଷରୁ ବାତ୍ୟା ସତର୍କତା ବାର୍ତ୍ତା ପଠାଇବା ଲାଗି ୨୪ ଓ ୨୫ ଦମ ୨୦୨୧ରେ ଟେଲିଯୋଗାଯୋଗ ବିଭାଗର କମନ ଆଲେର୍ଟ ପ୍ରୋଟୋକଲ (ସିଏପି)କୁ ବ୍ୟାପକ ଭାବେ ନିଃଶୁଳ୍କ ଉପଯୋଗ କରାଯାଇଥିଲା । ସ୍ଥାନୀୟ ବାସିନ୍ଦାଙ୍କୁ ସତର୍କ କରିବା ଲାଗି ଆଞ୍ଚଳିକ ଭାଷାରେ ମୋଟ ୬ କୋଟିରୁ ଅଧିକ ଏସଏମଏସ/ବାର୍ତ୍ତା ପଠାଯାଇଥିଲା । ଏଥିମଧ୍ୟରୁ ୩.୮୭ କୋଟି ପଶ୍ଚିମବଙ୍ଗରେ, ୨.୪୩ କୋଟି ଓଡ଼ିଶାରେ ଏବଂ ଆନ୍ଧ୍ରପ୍ରଦେଶରେ ୩୬.୪ ଲକ୍ଷ ବାର୍ତ୍ତା ପଠାଯାଇଥିଲା । ଏଥିସହିତ ପ୍ରଥମ ଥର ପାଇଁ ଭଏସ୍ ଆଲେର୍ଟ ମେସେଜ୍ ପ୍ରେରଣ କରାଯାଇଥିଲା । ଟେଲିଯୋଗାଯୋଗ ବିଭାଗ ପକ୍ଷରୁ ଯୋଗାଇଦିଆଯାଇଥିବା ଆଉଟବାଉଣ୍ଡ ଡାଏଲର (ଓବିଡି)କୁ ଉପଯୋଗ କରି ଟେଲି ଯୋଗାଯୋଗ ସେବା ପ୍ରଦାନାକରୀମାନେ ଏହି ମେସେଜ୍ ପଠାଇଥିଲେ । ସ୍ଥାନୀୟ ଭାଷାରେ ମୋଟ୍ ୬୦ ଲକ୍ଷରୁ ଅଧିକ ଉପଭୋକ୍ତା (ପଶ୍ଚିମବଙ୍ଗରେ ୩୬.୫ ଲକ୍ଷ ଏବଂ ଓଡ଼ିଶାରେ ୨୧.୫ ଲକ୍ଷ)ଙ୍କୁ ଓବିଡି ଜରିଆରେ ସତର୍କ କରାଯାଇଥିଲା । ଟେଲି ଯୋଗାଯୋଗ ସେବା ପ୍ରଦାନକାରୀମାନେ ସମ୍ପୂର୍ଣ୍ଣ ମାଗଣାରେ ଏହି ଜନସମ୍ପର୍କ କାର୍ଯ୍ୟକୁ ସମ୍ପାଦନ କରିଥିଲେ । ବାତ୍ୟା ଯୋଗୁ ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର, ବାଙ୍କୁଡ଼ା, ଦକ୍ଷିଣ ୨୪ ପରଗଣା ଓ ଝାରଗ୍ରାମ ଜିଲ୍ଲା ଏବଂ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଜଗସିଂହପୁର, କେନ୍ଦ୍ରାପଡ଼ା, ଯଜପୁରର, କେନ୍ଦୁଝର ଓ ମୟୂରଭଞ୍ଜ ପ୍ରଭାବିତ ହୋଇଛନ୍ତି । ବାତ୍ୟା ପୂର୍ବରୁ ଟେଲି ଯୋଗାଯୋଗ ବିଭାଗର ସଚିବ ସ୍ତରୀୟ ସମୀକ୍ଷା ଓ ପୁନରୁଦ୍ଧାର ପଦକ୍ଷେପ ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଆଜି ସକାଳେ ଓ ସନ୍ଧ୍ୟାରେ ମଧ ବୈଠକ ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ବୈଠକରେ ଟେଲିଯୋଗାଯୋଗ ସେବା ପ୍ରଦାନକାରୀ (ରିଲାଏନସ, ଜିଓ, ଏୟାରଟେଲ, ଭୋଡ଼ାଫୋନ-ଆଇଡିଆ ଓ ବିଏସଏନଏଲ) ଏବଂ ଭିତ୍ତିଭୂମି ଦୟାଗାଣକାରୀ (ଏଟିସି, ଇଣ୍ଡସ, ଆସେଣ୍ଡ, ଟାୱାର ଭିଜନ ଏବଂ ସୁମିତ୍ ଡିଜିଟାଲ) ଓ ସେମାନଙ୍କର ସହଯୋଗୀ ଟାଇପା ମଧ ଅଂଶଗ୍ରହଣ କରିଥିଲେ । ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ଠାରୁ ନିୟମିତ ମତାମତ ସଂଗ୍ରହ କରାଯାଇଥିଲା । ନିମ୍ନୋକ୍ତ ଜିଲ୍ଲାଗୁଡ଼ିକରେ ଟେଲି ଯୋଗାଯୋଗ ସଚିବଙ୍କ ଦ୍ୱାରା ଆନ୍ତଃସର୍କଲ ରୋମିଂ (ଆଇସିଆର) ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପଶ୍ଚିମବଙ୍ଗ- ପଶ୍ଚିମ ମେଦିନାପୁର, ବାଙ୍କୁଡ଼ା, ଦକ୍ଷିଣଣ ୨୪ ପରଗଣା ଓ ଝାରଗ୍ରାମ ଜିଲ୍ଲା । ଓଡ଼ିଶା- ବାଲେଶ୍ୱର, ଭଦ୍ରକ, ଜଗସିଂହପୁର, କେନ୍ଦ୍ରାପଡ଼ା, ଯାଜଜ୍ପୁର, କେନ୍ଦୁଝର ଓ ମୟୂରଭଞ୍ଜ । ଏହାଫଳରେ ଉପଦଭାକ୍ତା/ଗ୍ରାହକମାନେ ବିନା କୌଣସି ଅତିରିକ୍ତ ଶୁଳ୍କରେ ସେମାନଙ୍କ ଅଞ୍ଚଳରେ ଯେଉଁ ଟେଲିଯୋଗାଯୋଗ ନେଟୱାର୍କ ଉପଲବ୍ଧ ରହିବ ତାହାର ସୁବିଧା ନେଇପାରିବେ । ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ୧୦୦୦ରୁ ଅଧିକ ଅପ୍ଟିକାଲ ଫାଇବର ଦଳ ଓ ମରାମତି ଦଳକୁ ନିୟୋଜିତ କରାଯାଇଥିଲା ।

# ବାତ୍ୟା ୟାସ ଦୋହଲାଇ ଦେଇଛି ବାଲିଆପାଳବାସୀଙ୍କ ଆର୍ଥିକସ୍ଥିତି

## ଉପକୂଳବର୍ତ୍ତୀ ୧୧ଟି ପଞ୍ଚାୟତରେ ବ୍ୟାପକ କ୍ଷତି, କୋଟି କୋଟି ଟଙ୍କାର ମାଛଚାଷ କ୍ଷତିଗ୍ରସ୍ତ



ବାଲିଆପାଳ,୨୭/୦୫ (ନି.ପ୍ର): ମହାବାତ୍ୟା ୟାସ ଚାଲିଯାଇଛି କିନ୍ତୁ ଏହାର ପ୍ରଭାବରେ ବାଲିଆପାଳବାସୀଙ୍କର ଆର୍ଥିକସ୍ଥିତି ଦୋହଲାଇ ଯାଇଛି । ଯେଉଁ ପରିମାଣର କ୍ଷତି ହୋଇଛି ତାହା ଭରଣା କରିବାକୁ ଆହୁରି ଅନେକଦିନ ଲାଗିଯିବ ।ଧାନ ପାନ ମୀନରେ ସମୃଦ୍ଧ ଉପକୂଳବର୍ତ୍ତୀ ଦକ୍ଷିଣ ବାଲିଆପାଳର, ଚୌମୁଖ, ଡଗରା, ବେତଗଡିଆ, ଅଳାଡିହା, ନୁଆଗାଁ, ଜମ୍ବୀରାଇ, ପଞ୍ଚୁପାଲି, ରତେଇ, ଜଗଡିପୁର, ବଡାଶ, ଜାମକୁଣ୍ଡା, ବୋଲଂ, ସାଉଡି, କୁଣ୍ଡୁଳି ପ୍ରଭୃତି ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଛି । ଏହି ଅଞ୍ଚଳରେ ହଜାର ହଜାର ଚିଙ୍ଗୁଡି ଘେରି ରହିଛି । ଚିଙ୍ଗୁଡି ଗୁଡିକ ପାଖାପାଖି ଅମଳଯୋଗ୍ୟ ହୋଇଯାଇଥିବା ବେଳେ ବୁଧବାର ବାତ୍ୟାରେ ହଟାତ ତିନିରୁ ଚାରିଫୁଟ ଉଚ୍ଚରେ ସମୁଦ୍ରପାଣି ମାଡିଆସିବାରୁ ଏହି ଚିଙ୍ଗୁଡିଘେରି ଗୁଡିକ ପାଣିରେ ବୁଡିଗଲା । ଫଳରେଉତ୍ପାଦନ ହେବାକୁ ଥିବା ଶହ ଶହ କୁଇଣ୍ଟାଲ ଚିଙ୍ଗୁଡି ପାଣିରେ ଭାସିଗଲା । ସେହିପରି ପୋଖରୀରେ ଥିବା ଦେଶୀ ମାଛ ଗୁଡିକ ମଧ ଲୁଣି ପାଣିରେ ଭାସିଯିବା ସହ ମରିଯାଇଥିବା ଦେଖିବାକୁ ମିଳିଥିଲା ସ୍ଥାନୀୟ ଅଞ୍ଚଳର ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ଦାର କରଜ କରି ଚିଙ୍ଗୁଡିଚାଷ କରିଥିଲେ । ଏବେ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସେହିପରି ଏ ଅଞ୍ଚଳରେ ଥିବା ହଜାର ହଜାର ପାନ ବରଜରେ ଲୁଣି ପାଣି ପଶି ପାନଗଛ ସବୁ ନଷ୍ଟ ହୋଇଯାଇଛି । କରୋନା ଯୋଗୁଁ ପାନର ଦାମ ନଥିବାରୁ ଚାଷୀମାନେ ଲକଡାଉନପରେ ପାନ ବିକ୍ରୀକରିବାକୁ ଲକ୍ଷ ରଖିଥିଲେ । ଏବେ ବାତ୍ୟା ୟାସ ସେମାନଙ୍କର ସେହି ଆଶାକୁ ଧୂଳିସାତ କରିଦେଇଛି । ସେହିପରି ଅମଳ ନହୋଇ ବିଲରେ ଥିବା ପାଚିଲା ଧାନ ସବୁ ନଷ୍ଟ ହୋଇଛି । ଜମ୍ବୀରାଇ ପଞ୍ଚାୟତରେ ସମୁଦ୍ର ଜୁଆର ଦୁଇକିଲୋମିଟର ଗାଁ ଭିତରକୁ ପଶିଆସିବା ଯୋଗୁଁ ବ୍ୟାପକ କ୍ଷତି ହୋଇଛି । କଙ୍କଡାପାଳ ଠାରୁ ଚାଉଳତି ପର୍ଯ୍ୟନ୍ତ ବହୁ ଝାଉଁ ଜଙ୍ଗଲ ଧରାଶାୟୀ ହୋଇଛି । ସେହିପରି ଏହିସବୁ ପଞ୍ଚାୟତର ଗାଁ ରାସ୍ତା ଗୁଡିକ ସମୁଦ୍ର ଜୁଆରରେ ଧୋଇ ନେଇଯାଇଛି । ଲୋକମାନେ ନିଜ ନିଜ ଘରକୁ ଫେରିଥିଲେ ମଧ ସମୁଦ୍ର ପାଣି ପଶି ଅଧିକାଂଶ ଲୋକଙ୍କ ଘର ଉଦା ହୋଇରହିଥିବାରୁ ବହୁ ଲୋକଙ୍କ ଘରେ ଚୁଲି ଜଳିନାହିଁ ।ଚୌମୁଖ ପଞ୍ଚାୟତର କଙ୍କଡାପାଳ ଗ୍ରାମ ମଧ ବ୍ୟାପକ କ୍ଷତି ହୋଇଛି । ଏହି ଗ୍ରାମର ଅଧିକାଂଶ ଲୋକ ଏବେବି ବାତ୍ୟାଆଶ୍ରୟସ୍ଥଳ ଏବଂ ସରକାରୀ ଘରେ ଆଶ୍ରୟ ନେଇଛନ୍ତି । ଆଜି ଏହି ଲୋକମାନଙ୍କୁ ରନ୍ଧାକିଆ ଶୁଖିଲା ଖାଦ୍ୟ ଦିଆଯାଇନଥିବା ଅଭିଯୋଗ କରିଛନ୍ତି । ବାତ୍ୟା ରେ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ଆନିଥିଲେ ମଧ କୁଣ୍ଡୁଳୀ,ଡାଙ୍ଗରପଦା, ବଡାପାଳ, ଗେଙ୍ଗୁଟିଆ, କୁଶୁଡିହା, ପ୍ରତାପୁର, ଭାନପୁର, କରଞ୍ଜିଆ, ତାଳପଦା ପ୍ରଭୃତି ସ୍ଥାନରେ ଲୋକମାନଙ୍କୁ ଖାଦ୍ୟ ପାନୀୟ ଯୋଗଇ ଦିଆଯାଇନଥିବା ଅଭିଯୋଗ ହୋଇଛି । ସେହିପରି ବାତ୍ୟା ଛାଡିବା ପରେ ଅଧିକାଂଶ ଆଶ୍ରୟସ୍ଥଳିରେ କୌଣସି ବ୍ୟବସ୍ଥା ନଥିବାରୁ ଲୋକମାନେ ଘରକୁ ଫେରିଯାଇଥିବା ଅଭିଯୋଗ କରିଛନ୍ତି । ସେହିପରି ଖବର ଲେଖା ହେବା ପର୍ଯ୍ୟନ୍ତ ବାଲିଆପାଳ ବ୍ଲକର କୌଣସି ସ୍ଥାନକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ । ବ୍ଲକ ପ୍ରଶାସନ ପକ୍ଷରୁ ପାଣି ପମ୍ପରେ ଜେନେରେଟର ଲଗାଇ ପାଣି ଯୋଗଇବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ ଆଜି ବହୁ ସ୍ଥାନରୁ ଜେନେରେଟର ହଟାଇ ଦିଆଯାଇଥିବାରୁ ଲୋକମାନେ ପାଣି ନପାଇ ନାନା ହଇରାଣ ହରକତ ହେଉଛନ୍ତି । ଏହାକୁ ନେଇ ବଗଦା ରେ ପ୍ରବଳ ହଟ୍ଟଗୋଳ ହୋଇଥିଲା ବିଭାଗୀୟ ଯନ୍ତ୍ରୀ ପଙ୍କଜ କୁମାର ତ୍ରିପାଠୀ ଙ୍କୁ ଜଣାଇଥରଲେ ମଧ ସେ ଏବାବଦରେ ଜିଲ୍ଲାପାଳଙ୍କୁ ଜଣାଇବା ପାଇଁ କହିବା ସହ ସେ କିଛି କରିପାରିବେ ନାହିଁ ବୋଲି କହିଥିଲେ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ବିନୋଦ ପାଣିଙ୍କ ବିୟୋଗରେ ଶୋକସଭା



ବାଲେଶ୍ୱର,୨୭/୦୫ (ନି.ପ୍ର): ଅତିରିକ୍ତ ସରକାରୀ ଓକିଲ ତଥା ବିଜେଡି ଲିଗାଲ ସେଲ ଜିଲା ଆବାହକ ବରିଷ୍ଠ ଆଇଜୀବୀ ବିନୋଦ ପାଣିଙ୍କ ବିୟୋଗରେ ଏକ ଶୋକସଭା ସ୍ଥାନୀୟ ଜିଲା ସରକାରୀ ଓକିଲ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସରକାରୀ ଓକିଲ (ପବ୍ଲିକ ପ୍ରସିକ୍ୟୁଟର) ଆଇନଜୀବୀ ପ୍ରଶାନ୍ତ ମଲିକଙ୍କ ସମେତ ଅରୁଣ ଦାସ, ଅରୁଣ ବେହେରା, ଜିତେନ୍ଦ୍ର ଉପାଧ୍ୟାୟ, ପ୍ରଭାତ ଦାସ, ଚକ୍ରଧର ମହାନ୍ତି, ପ୍ରଣବ ପଣ୍ଡା, ସୁଲଳିତ କର, ନଳିନୀ ପଣ୍ଡା, କୃଷ୍ଣ ଚନ୍ଦ୍ର ବେହେରା, ପ୍ରଦୀପ ଚନ୍ଦ୍ର ଦାସ, ବିଜୟ ଦାସ, ଅଶ୍ୱିନୀ ମହାପାତ୍ର, ଶ୍ରୀକୃଷ୍ଣ ନାୟକ, ଦୀପକ ଦାଶ ପ୍ରମୁଖ ବାଲେଶ୍ୱରରେ କାର୍ଯ୍ୟରତ ସରକାରୀ ଓକିଲମାନେ ଏଥିରେ ଯୋଗଦେଇ ସ୍ୱର୍ଗତ ପାଣିଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଜଣେ ରାଜନେତା, ଆଇନଜୀବୀ, ସମାଜସେବୀ ତଥା ସ୍ୱାଧୀନଚେତା ବ୍ୟକ୍ତିତ୍ୱ ଭାବେ ତାଙ୍କର ଅବର୍ତ୍ତମାନ ବାଲେଶ୍ୱର ପାଇଁ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଉପସ୍ଥିତ ଆଇନଜୀବୀମାନେ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଗୋଟିଏ ଦିନରେ ୬୭୩୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୭୩୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୩୨୭୩୯କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୬୨୩୬୨୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୬୪୪୦ ରହିଛି। ଆଜି ଚିହ୍ନଟ ହୋଇଥିବା ୬୭୩୬ ଜଣଙ୍କ ମଧ୍ୟରୁ ୩୭୭୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୯୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲା ରେ ସବୁଠାରୁ ଅଧିକ ୭୮୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୭୮୮ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୧ ଜଣ, ବରଗଡ଼ରୁ ୪୦୫ ଜଣ, ଭଦ୍ରକରୁ ୨୦୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨୬୨, କଟକରୁ ୩୬୨ ଜଣ, ଦେବଗଡ ଜିଲ୍ଲାରୁ ୬୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୭୮ ଜଣ, ଗଜପତି ଜିଲ୍ଲାରୁ ୮୦ , ଗଞ୍ଜାମରୁ ୧୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୦୬ ଜଣ, ଯାଜପୁରରୁ ୩୭୪ ଜଣ, ଝାରସୁଗୁଡ଼ାରୁ ୧୨୦ ଜଣ, କଳାହାଣ୍ଡିରୁ ୨୪୧ ଜଣ, କନ୍ଧମାଳ ଜିଲ୍ଲାରୁ ୮୫ ଜଣ. କେନ୍ଦ୍ରାପଡ଼ାରୁ ୨୪ ଜଣ, କେନ୍ଦୁଝରରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୧୭ ଜଣ, କୋରାପୁଟରୁ ୨୧୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୯୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ବିନୋଦ ପାଣିଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଶୋକ



ବାଲେଶ୍ୱର, ୨୭/୫(ନି.ପ୍ର): ବିଜେଡ଼ି ଲିଗାଲ ସେଲ ଜିଲ୍ଲା ଆବାହକ ତଥା ବାଲେଶ୍ୱରର କାର୍ଯ୍ୟରତ ଅତିରିକ୍ତ ସରକାରୀ ଓକିଲ (ଏପିପି) ବରିଷ୍ଠ ଆଇନଜୀବି ବିନୋଦ କୁମାର ପାଣିଙ୍କ ଦେହାନ୍ତରେ ପୂର୍ବତନମନ୍ତ୍ରୀ ରଘୁନାଥ ମହାନ୍ତି ଶୋକ ପ୍ରକାଶ କରିଛନ୍ତୁ । ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା । ସେ ଦୁଇସପ୍ତାହ ଧରି କରୋନାରେ ସଂକ୍ରମିତ ହୋଇ କଟକରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି ଯେ ଶ୍ରୀ ପାଣି ଦୀର୍ଘଦିନ ଧରି ତାଙ୍କର ରାଜନୈତିକ ବନ୍ଧୁଥିଲେ । ଦୁହେଁ ଏକାଠି ମିଶି ରାଜନୈତିକ କାର୍ଯ୍ୟର ସୁଖଦୁଃଖର ସାମିଲ ଥିଲେ । ତାଙ୍କ ମୃତ୍ୟୁରେ ସେ ତାଙ୍କର ଜଣେ ରାଜନୈତିକ ବନ୍ଧୁ ହରାଇଛନ୍ତି । ଏକାଧିକ ଥର ଆମ ଦୁଇଜଣଙ୍କ ସହଯୋଗରେ ସେ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ବିଜେଡିର ଜଣେ କାର୍ଯ୍ୟକର୍ତ୍ତା ଭାବେ ସେ ବେଶ୍ ଜଣାଶୁଣା ଥିଲେ । ମୋ ସହିତ ସକ୍ରିୟ ରାଜନୀତିରେ ଥିଲାବେଳେ ସେ ଶ୍ରୀରାମପୁର ପଞ୍ଚାୟତ ପାଇଁ ବହୁତ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି । ବିଭିନ୍ନ ସମୟରେ ସୁଖଦୁଃଖ ବାଣ୍ଟିବା ସହ ମୋର ଜଣେ ରାଜନୈତିକ ବନ୍ଧୁଙ୍କୁ ମୁଁ ହରାଇ ଆଜି ମର୍ମାହତ । ତାଙ୍କ ମୃତ୍ୟୁରେ ମୁଁ ଗଭୀର ଶୋକପ୍ରକାଶ କରୁଛି । ଭଗବାନ ତାଙ୍କ ଅମର ଆତ୍ମାର ସଦ୍‌ଗତି କରନ୍ତୁ, ଏତିକି ପ୍ରାର୍ଥନା ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧରେ ରାଜ୍ୟରେ କରୋନାରେ ୩୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୬୧୮ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଗତ ୨୪ ଘଂଟାରେ ଅନୁଗୁଳ ଜିଲ୍ଲାରୁ ସର୍ବାଧିକ ୫ ଜଣ ପ୍ରାଣ ହରାଇଛନ୍ତି। ଖୋର୍ଦ୍ଧା ଓ କଳାହାଣ୍ଡି ଜିଲ୍ଲାରୁ ୪ ଜଣ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଠିକ୍ ସେହିପରି ବୌଦ୍ଧ, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ୩ ଜଣ ଲେଖାଏଁ ଜୀବନ ହରାଇଥିବା ବେଳେ ସେହିପରି ଗଜପତି, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ତେବେ ପୁରୀ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

## ବାତ୍ୟାରେ ୧୨୨ ଗ୍ରାମ ଅଧିକ ପ୍ରଭାବିତ, ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ



ଭଦ୍ରକ,୨୭/୦୫ (ନି.ପ୍ର): ବାତ୍ୟା ୟଶ ଯିବା ପରେ ଏବେ ବୈତରଣୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ବାତ୍ୟାର କ୍ଷୟକ୍ଷତି ଅଞ୍ଚଳ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ନୀରିକ୍ଷଣ କରିଥିବା ବେଳେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଆଜି ଧାମରା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବାତ୍ୟା ଯୋଗୁ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକର ୨୪ଟି ପଞ୍ଚାୟତର ମୋଟ ୧୨୨ଟି ଗ୍ରାମ ଅଧିକ ପ୍ରଭାବିତ ହୋଇଛି। ପ୍ରାଥମିକତା ଭାବେ ରାସ୍ତା ଓ ବିଦ୍ୟୁତ ରିଷ୍ଟୋରେସନ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଛି। ସରକାରଙ୍କ ଘୋଷଣା ଅନୁଯାୟୀ ଏହି ସବୁ ଅଞ୍ଚଳକୁ ମଧ ରିଲିଫ ଯୋଗାଣ କରାଯିବାର ବନ୍ଦୋବସ୍ତ କରାଯାଉଥିବା ନେଇ ଜିଲ୍ଲାପାଳ ଡ. ଦାସ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା କ୍ଷୟକ୍ଷତିର ପ୍ରାଥମିକ ଆକଳନରେ ବାତ୍ୟାରେ ସମସ୍ତ ୭ଟି ଯାକ ବ୍ଲକ ଓ ୪ଟି ଅର୍ବାନ ଏରିଆ ପ୍ରଭାବିତ ହୋଇଛି। ମୋଟ ୭ଲକ୍ଷ ୧୬ହଜାର ୮୪୫ ଲୋକ ପ୍ରଭାବିତ ହୋଇଥିବା ବେଳେ ୧ଲକ୍ଷ ୩୭ ହଜାର ୭୨୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇବିଭିନ୍ନ ଥଇଥାନ କେନ୍ଦ୍ରରେ ଥଇଥାନ କରାଯାଇଛି। ଆଜି ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ୧୫୧ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି। ମୋଟ ୧୦ଟି ସବ୍ ଷ୍ଟେସନ, ୯୦ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ୭୨୬ଟି ରାସ୍ତା, ୧୩୬ଟି କଲଭର୍ଟ କ୍ଷତିଗ୍ରସ୍ତ ହୋଇଛି। ଗୃହ କ୍ଷୟକ୍ଷତିର ଆକଳନ ପାଇଁ ସବୁ ଅଞ୍ଚଳର ଆର୍.ଆଇ ମାନଙ୍କୁ ସର୍ବେକ୍ଷଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ପରିମାଣ ମିଳିପାରିବ। ଏହି ବାତ୍ୟାରେ କୌଣସି ଜୀବନ ହାନି କିମ୍ବା ପଶୁ ସମ୍ପଦ ନଷ୍ଟ ହୋଇ ନଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବୈତରଣୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା କାରଣରୁ ବୈତରଣୀ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ନଦୀର ଆଖୁଆପଦା ଠାରେ ଥିବା ବିପଦ ସଂକେତ ୧୭.୮୩ ମିଟର ଅତିକ୍ରମ କରି ୧୮.୫୬ ମିଟରରେ ଜଳ ପ୍ରବାହିତ ହେଉଛି। ଏହି ଜଳ ପତ୍ତନ ମଧରାତ୍ରି ବେଳକୁ ଆହୁରି ଅଧିକ ବୃଦ୍ଧି ପାଇ ୧୯.୫୦ ହେବା ଅନୁମାନ କରାଯାଉଛି।

## ପ୍ରାକ୍ ପ୍ରସ୍ତୁତି ହିଁ 'ୟାସ'ମୁକାବିଲାରେ ଦେଇଛି ସଫଳତା: ବିଶାଳ ଦେବ

ବାଲେଶ୍ୱର,୨୭।୫(): ସାମୁଦ୍ରିକ ବାତ୍ୟା 'ୟସ'ର ତାଣ୍ଡବରେ ବାଲେଶ୍ୱର ଜିଲାର ବହୁ କ୍ଷୟକ୍ଷତି ହୋଇଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ। ତେବେ ଜିଲାର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଉପକୂଳବର୍ତ୍ତୀ ସଦର, ରେମୁଣା, ବାହାନଗା, ଭୋଗରାଇ, ବାଲିଆପାଳ ପ୍ରଭୃତି ବ୍ଲକରେ ଅପେକ୍ଷାକୃତ ଅଧିକ କ୍ଷତି ହୋଇଥିବା ଲକ୍ଷ୍ୟ କରାଯାଇଛି। ହଜାର ହଜାର ସଂଖ୍ୟାରେ ଗଛ ଓପାଡ଼ି ପଡ଼ିଥିବା ବେଳେ ଶହ ଶହ କଚ୍ଚାଘର ନଷ୍ଟ ହୋଇଛି। ଅନୁରୂପ ଭାବେ ବହୁ ସଂଖ୍ୟାରେ ବିଦ୍ୟୁତ୍ ଖୁଣ୍ଟ ମାଟିରେ ଶୋଇଥିବା ବେଳେ ତାର ମଧ୍ୟ ଛିଣ୍ଡିଯାଇଛି। ସବୁଠାରୁ ବଡ଼କଥା ହେଲା ୟସ ମୁକାବିଲା ପାଇଁ ସବୁ ପ୍ରକାର ପ୍ରସ୍ତୁତି ହୋଇଥିଲେ ବି ସହରର ଭାସ୍କରଗଞ୍ଜ ଅଞ୍ଚଳରେ ଗଛପଡ଼ି ଜଣେ ଯୁବକର ମୃତ୍ୟୁ ହୋଇଯାଇଛି। ଜୋର ପବନ ସାଙ୍ଗକୁ ଲଗାଣ ବର୍ଷାରେ ବିଲରେ ଥିବା ପାଚିଲା ରବିଧାନ ଓ ବାଡ଼ିବଗିଚାର ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଅନ୍ୟପକ୍ଷରେ ବାତ୍ୟାର ପ୍ରଭାବରେ ସମୁଦ୍ରରେ ଉଠିଥିବା ୪ ମିଟର ଉଚ୍ଚର ଜୁଆର ଯୋଗୁଁ ଜିଲାର ୮୪ ଗୋଟି ଗ୍ରାମରେ ଲୁଣାପାଣି ବିଲବାଡ଼ିରେ ମାଡ଼ିଯାଇଛି। ଏହି ସବୁ ଅଞ୍ଚଳରେ ଲୁଣାପାଣି ମାଡ଼ିଯିବା ଯୋଗୁଁ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ କୌଣସି ଚାଷ ହେବନାହିଁ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ସତ୍ତ୍ୱେ ବାଲେଶ୍ୱରରେ ପ୍ରାକ ପ୍ରସ୍ତୁତି ଠିକ ଥିବା ଯାଗୁଁ ବାତ୍ୟା ୟସକୁ ସଫଳକ ମୁକାବିଲା କରାଯାଇଛି ବୋଲି ଜିଲା ଦାୟିତ୍ୱରେ ଥିବା ବରିଷ୍ଠ ପ୍ରଶାସକ ବିଶାଳ ଦେବ ପ୍ରକାଶ କରିଛନ୍ତି। ଏନେଇ ସେ ଜିଲା ପ୍ରଶାସନ ସମେତ ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗକୁ ଭୂୟସୀ ପ୍ରଶଂସା କରିଛନ୍ତି। ସମସ୍ତଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସରୁ ବିପଦପୂର୍ଣ୍ଣ ଉପକୂଳବର୍ତ୍ତୀ ତଥା ତଳିଆ ଅଞ୍ଚଳରୁ ପ୍ରାୟ ୧ଲକ୍ଷ ୮୨ ହଜାର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇ ପାରିଛି। ବାତ୍ୟାପରେ ଏବେ ପାନୀୟଜଳ ଓ ନଷ୍ଟ ହୋଇ ଯାଇଥିବା ବିଦ୍ୟୁତକରଣର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଆଗାମୀ ଦିନରେ ଅନ୍ୟାନ୍ୟ କ୍ଷୟକ୍ଷତି ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ଦେବ ସୂଚନା ଦେଇଚନ୍ତି।

## ବାତ୍ୟା ଦୁର୍ଗତ ଅଞ୍ଚଳରେ ମନ୍ତ୍ରୀ ଓ ବିଧାୟକଙ୍କ ଉଦ୍ଧାର କାର୍ଯ୍ୟ

ବାଲେଶ୍ୱର,୨୭/୦୫ (ନି.ପ୍ର): ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସଦର ବିଧାୟକ ସ୍ୱରୂପ ଦାସ ଗୁରୁବାର ସଦର ବ୍ଲକର ବାତ୍ୟା ପ୍ରପୀଡ଼ିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ ସହ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ବାଲେଶ୍ୱର ପୌରାଞ୍ଚଳ ସମେତ ସଦର ବ୍ଲକର ରୂପସା, ଛାନୁଆ, ବାହାବଳପୁର, ସାର୍ଥା ପ୍ରଭୃତି ପଞ୍ଚାୟତକୁ ଯାଇ ସେଠାକାର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଗାଁ ଗହଳିର ଯେଉଁ ଅଞ୍ଚଳକୁ ଏନଡିଆରଏଫ ଓ ଓଡ୍ରାଫ ଟିମ ପହଞ୍ଚିପାରି ନାହାନ୍ତି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓ ସଦର ବିଧାୟକ ସ୍ୱରୂପ ଦାସ ସେଠାରେ ବିଜେଡି କର୍ମୀଙ୍କ ଦ୍ୱାରା ଗଛ କାଟିବା କାର୍ଯ୍ୟ ଜାରି ରଖିଛନ୍ତି। ଏନେଇ ଆଠଗଡ଼ରୁ ମନ୍ତ୍ରୀ ସ୍ୱତନ୍ତ୍ର ଟିମ ନେଇ ବାଲେଶ୍ୱର ଆସିଥିବା ସେ କହିଛନ୍ତି। କେବଳ ବାଲେଶ୍ୱର ନୁହେଁ ଓଡ଼ିଶାର ଯେ କୌଣସି ସ୍ଥାନରେ ଏଭଳି ସ୍ଥିତି ଉପୁଜିଲେ ଆଠଗଡ଼ର ଏହି ସ୍ୱତନ୍ତ୍ର ଟିମ ଜରିଆରେ ସେ ସେଠାରେ ଉଦ୍ଧାର କାର୍ଯ୍ୟ କରିଥା'ନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ପୁନରୁଦ୍ଧାର କାର୍ଯ୍ୟ ଦିନକ ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବେଳେ ସରକାରୀ ବିଭାଗୀୟ କର୍ମଚାରୀଙ୍କ ସମେତ ସାମୂହିକ ଭାବେ ଜନସାଧାରଣ କାର୍ଯ୍ୟ କରିପାରିଲେ ତାହା ଧାର୍ଯ୍ୟ ସମୟରେ ଶେଷ ହୋଇପାରିବ। ସେନେଇ ବିଜେଡି କର୍ମୀମାନେ ସ୍ୱେଚ୍ଛାକୃତ ଭାବେ ଲୋକଙ୍କ ସେବା କରିବାକୁ ଆଗେଇ ଆସିଥିବା ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ବର୍ଷର ଶାସନକାଳରେ କେହି ଯେମିତ ଅସୁବିଧାରେ ନ ପଡ଼ୁ ତାହାକୁ ସର୍ବଦା ଗୁରୁତ୍ୱ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ସଦର ବିଧାୟକ ଶ୍ରୀ ଦାସ ଏହି ଉଦ୍ଧାର ଅଭିଯାନର ନେତୃତ୍ୱ ନେବା ସହ ମନ୍ତ୍ରୀଙ୍କ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ।

## ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କଲେ ଶିଳ୍ପ ନିର୍ଦ୍ଦେଶକ




ଭଦ୍ରକ,୨୭/୦୫ (ନି.ପ୍ର): ବାତ୍ୟା ଯୋଗୁ ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରାସ୍ତାଘାଟ ଆଦିର କ୍ଷୟକ୍ଷତିକୁ ନେଇ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍ ସମୀକ୍ଷା କରିଛନ୍ତି। ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ବାତ୍ୟା ଅଞ୍ଚଳରେ ବିଦ୍ୟୁତ୍ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଯେଉଁ ସବୁ ଅଞ୍ଚଳରେ ପାଇପ୍ ଭାଙ୍ଗିଛି, ପାଣି ଟାଙ୍କି ପ୍ରଭାବିତ ହୋଇଛି, ସେ ସବୁ ସ୍ଥାନରେ ତୁରନ୍ତ ମରାମତି କରାଯିବା ସହିତ ଜେନେରେଟର ଦ୍ୱାରା ପାଣି ଚାଲୁ କରି ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଟ୍ୟାଙ୍କର ଯୋଗେ ପିଇବା ପାଣି ପହଞ୍ଚାଇବାକୁ ମଧ କୁହାଯାଇଛି। ଏହି ସମୀକ୍ଷା ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ୟାମଭକ୍ତ ମିଶ୍ର, ଗ୍ରୀଡ୍ ମ୍ୟାନେଜିଂ ଡାଇରେକ୍ଟର ତ୍ରିଲୋଚନ ପଣ୍ଡା, ଅତରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ ମହାପାତ୍ର, ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ, ଆସିଷ୍ଟାଣ୍ଟ ଇଂଜିନିୟର ପିଏଚ୍‌ଡି, ନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଏସ୍‌ଏସ୍, ମ୍ୟାନେଜର ଡିଆଇସି, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

# ୟାସ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି



ବାରିପଦା,୨୭/୦୫ (ନି.ପ୍ର): ବାତ୍ୟା ୟାଶ ଆଜି ମୟୂରଭଞ୍ଜ ଜିଲ୍ଲାର କିଛି ଅଂଚଳରେ ନିଜର ତାଣ୍ଡବ ରଚିଥିବା ବେଳେ ସାରା ଜିଲ୍ଲାରେ ଅଳ୍ପ ବହୁତ କ୍ଷୟକ୍ଷତି ହୋଇଥିବାର ନଜରକୁ ଆସିଛି । ତେବେ କପ୍ତିପଦା, ଉଦଳା, ଖୁଂଟା, ମୋରୋଡା, ଶୁଳିଆପଦା, ରାସଗୋବିନ୍ଦପୁର , ଠାକୁରମୁଣ୍ଡା ଯଶିପୁର, କରଂଜିଆ, କୁସୁମୀ, ଜାମଦା, ବାରିପଦା, ଶ୍ୟାମାଖୁଂଟା, ବଡସାହି , ସାରସକଣା ଆଦି ବ୍ଲକରେ ଅଧିକ ପ୍ରଭାବ ପକାଇ ଥିବା ବେଳେ, ଅନେକ ସ୍ଥାନରେ ବଡବଡ ଗଛସବୁ ରାସ୍ତା ଉପରେ ପଡିଥିବା ସହିତ କିଛି ଗଛ ଲୋକଙ୍କ ଘର ଉପରେ ପଡି ଘର ଭାଙ୍ଗି ଯାଇଛି । ସେହିପରି ଅନେକ ସ୍ଥାନରେ ବିଦ୍ୟୁତଖୁଂଟ ଉପୁଡି ପଧଫିବା ଫଳରେ ବିଦ୍ୟୁତ ସେବା ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଛି । ବ୍ୟାପକ ରବି ଧାନ ଫସଲ ସହ ପରିବା ଫସଲ ମଧ କ୍ଷତିବହୋଇ ଥିବାର ଜଣା ଯାଇଛି । ବାତ୍ୟାକୁ ଆଖି ଆଗରେ ରଖି କ୍ଷତିଗ୍ରସ୍ତ ହେବାକୁ ଥିବା ବିଭିନ୍ନ ସ୍ଥାନ ଗୁଡିକ ନିମନ୍ତେ ସରକାର ସ୍ପେଶାଲ୍ ଅଫିସର ନିଯୁକ୍ତ କରିଥିବା ବେଳେ, ମୟୂରଭଞ୍ଜ ନିମନ୍ତେ ନିଯୁକ୍ତି ହୋଇଥିବା ସ୍ପେଶାଲ୍ ଅଫିସର କୃଷି ଓ କୃଷକ ସଶକ୍ତି କରଣ ସଚିବ ତଥା ୟାସ ପର୍ଯ୍ୟବେକ୍ଷକ ସୁରେଶ ବଶିଷ୍ଠ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବିଗତ ଦୁଇଦିନ ଧରି ପରିଦର୍ଶନ କରି ଥିଲେ । ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏବଂ ଏସପି ସ୍ମିତ ପି. ପରମାର ମଧ ଆଶ୍ରୟସ୍ଥଳୀ ବୁଲି ତଦାରଖ କରିଛନ୍ତି । ଏହା ସହିତ ପୁରା ଜିଲ୍ଲାରେ ୪୦ ହଜାର ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବାର ର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେପଟେ ବାତ୍ୟା ୟାସର ମୁକାବିଲାରେ ବନବିଭାଗର ସ୍ୱତନ୍ତ୍ର ୪୧ଟି ଟିମ ନିୟୋଜିତ ଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୯ଟି ଏନଡିଆରଏଫ ଟିମ ସହ ଓଡ୍ରାଫ ଟିମ ଏବଂ ୨୯ଟି ଅଗ୍ନିଶମ ବାହିନୀ ଟିମକୁ ମୁତୟନ ରଖାଯାଇ ବାତ୍ୟା ପରବର୍ତ୍ତୀ ଉଦ୍ଧାର ଓ ଆନୁସଙ୍ଗୀକ କାର୍ଯ୍ୟ ସମ୍ପାଦନ କରାଯାଉଛି । ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନ କ୍ରମେ ଜିଲ୍ଲାର ବାତ୍ୟା ପ୍ରଭାବିତ ଅଂଚଳର ଥାନା ଗୁଡିକ ପକ୍ଷରୁ ବ୍ୟାପକ ଭାବରେ ବାତ୍ୟା ମୁକାବିଲା କାର୍ଯ୍ୟ ସମ୍ପାଦନ କରାଯାଇଛି । ବାରିପଦା ସଦର ମହକୁମାରେ ଗୋଟିଏ ଏନଡିଆରଏଫ ଦଳ ରହିଥିବା ବେଳେ, ରାସଗୋବିନ୍ଦପୁର ବ୍ଲକ ଏବଂ ମୋରଡା ବ୍ଲକ ପାଇଁ ଗୋଟେ ଟିମକୁ ରାସଗୋବିନ୍ଦପୁରରେ ମୁତୟନ କରାଯାଇଥିବା ବେଳେ କୁଳିଅଣା ଓ ସାରସକଣା ବ୍ଲକ ପାଇଁ ଅନ୍ୟ ଏକ ଟିମକୁ କୁଳିଅଣା ଠାରେ ମୁତୟନ କରାଯାଇଛି । ସେହିପରି ବେତନଟୀ, ବଡ଼ସାହି ଓ ବାଙ୍ଗରିପୋଷି ବ୍ଲକ ପାଇଁ ଗୋଟିଏ ଲେଖାଁଏ ଏନଡିଆରଏଫ ଟିମକୁ ସ୍ଥିତି ଅନୁସାରେ ମୁତୟନ କରାଯାଇଥିବା ଜଣା ଯାଇଛି । ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ସୁନୋ, ଗଙ୍ଗାହାର ଏବଂ ଜଳକା ଆଦି ନଦୀରେ ଜଳସ୍ତର ବିପଦ ସଂକେତ ତଳେ ଗତି କରୁଛି । ଆଜି ଶିମିଳିପାଳ ଭିତରେ ପ୍ରବଳରୁ ଅତିପ୍ରବଳ ବର୍ଷା ମୋଟ ୨୫୧୯.୮୬ ମି.ମି. ପରିମାଣର ବର୍ଷା ହୋଇଥିବାରୁ ରାତିରେ ଅଧିକ ବର୍ଷା ହେଲେ ବୁଢାବଳଙ୍ଗ ନଦୀ ଓ ଏହାର ଶାଖା ନଦୀ ଗୁଡିକରେ ବନ୍ୟା ଅସିବାର ଆଶଂକା କରାଯାଇ ନଦୀ ଉପକୂଳ ଅଂଚଳର ଲୋକମାନଙ୍କୁ ଅଧିକ ସତର୍କ କରାଯାଇ ଥିବା ଜଣା ଯାଇଛି ।

## ବିଶିଷ୍ଟ କବି ଓ ଅନୁବାଦକ ପ୍ରାଧ୍ୟାପକ ଚଣ୍ଡୀଚରଣ କରଙ୍କ ବିୟୋଗ : ସୁବର୍ଣ୍ଣଶ୍ରୀର ଶୋକ



ବାଲେଶ୍ୱର, ୨୭/୫(ନି.ପ୍ର): ବାଲେଶ୍ୱର ସାହିତ୍ୟାକାଶରୁ ଉଭୟେ ଗଲା ଆଉ ଏକ ଉଜ୍ୱଳ ଜ୍ୟୋତିଷ୍କ । ଆକସ୍ମିକ ବିଦାୟ ଘଟିଲା ଅବସରପ୍ରାପ୍ତ ପ୍ରାଧ୍ୟାପକ ଚଣ୍ଡୀଚରଣ କରଙ୍କର । ସଂପୂର୍ଣ୍ଣ ସୁସ୍ଥସବଳ ଓ ଚଳକ୍ଷମ ରହିଥିଲାବେଳେ ଗତ ୨୩ ତାରିଖରେ ହଠାତ୍ କିଛିଟା ଅସୁସ୍ଥତା ଅନୁଭବ କରିଥିଲେ । ଆଜି ଭୋର ତାଙ୍କୁ ଆମ୍ବୁଲାନ୍ସରେ କାଣିମାବାଦ ବାସଭବନରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ କୋଭିଡ୍ ଟେଷ୍ଟରେ ନେଗେଟିଭ୍ ରିପୋର୍ଟ ଆସିଥିଲା ବେଳେ ଅକ୍ସିଜେନର ସ୍ତର ହଠାତ୍ କମିଯାଇଥିବାର ଡାକ୍ତର କହିଥିଲେ, ତେବେ ଅକ୍ସିଜେନ ଦେବା ପୂର୍ବରୁ ଅଳ୍ପ ସମୟ ମଧରେ ପ୍ରାଣତ୍ୟାଗ କଲେ । ମୃତ୍ୟୁ ବେଳକୁ ୭୯ ବର୍ଷ ହୋଇଥିଲା । କେବଳ ବାଲେଶ୍ୱର ନୁହେଁ ସମଗ୍ର ଓଡ଼ିଶାରେ ଜଣେ ସୁଅନୁବାଦକ, କବି, ପ୍ରାବନ୍ଧିକ ବାଗ୍ମୀ, ସୁବକ୍ତା ତଥା ଛାତ୍ରବତ୍ସଳ ଅଧ୍ୟାପକ ଭାବେ ପ୍ରଶଂସିତ ଥିଲେ । ୧୯୪୨ ମସିହା ଅକ୍ଟୋବର ୯ ତାରିଖରେ ଅବିଭକ୍ତ ଓଡ଼ଶା ଅଧୁନାତନ ପଶ୍ଚିମ ମେଦିନାପୁର ଜିଲ୍ଲାର ସଂଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ବି ପ୍ରଥମେ ମିତ୍ରପୁର ଓ ପରେ ବାଲେଶ୍ୱର ସହରସ୍ଥ କାସିମାବାଦରେ ସ୍ଥାୟୀବାସିନ୍ଦା ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସ ଓ ଓଡ଼ିଆ ଦୁଇ ବିଭାଗରେ ଏମ.ଏ. ଏବଂ ବି.ଏଡ୍. ଶିକ୍ଷା ସମାପ୍ତି କରିଥିଲେ । ପ୍ରଥମେ ମିତ୍ରପୁର ହାଇସ୍କୁଲର ପ୍ରଧାନଶିକ୍ଷକ ପରବର୍ତ୍ତୀ ସମୟରେ ସରକାରୀ ଅଧ୍ୟାପକ ଭାବେ ଯୋଗଦାନ କରି ଜଣେ ନୀତିନିଷ୍ଠ କୃତୀ ଅଧ୍ୟାପକ ଭାବେ କାର୍ଯ୍ୟକରି ପ୍ରଶଂସିତ ହୋଇପାରିଥିଲେ । ବଙ୍ଗଳା, ସଂସ୍କୃତ, ଓଡ଼ିଆ ତିନୋଟି ଭାଷାରେ ବିଶେଷ ପାଣ୍ଡିତ୍ୟ ଲାଭ କରିଥିଲେ । ଜଣେ ପ୍ରାଜ୍ଞ ପଣ୍ଡିତଭାବେ ବେଶ୍ ଜଣାଶୁଣା । ବଙ୍ଗଳାର ରବୀନ୍ଦ୍ରନାଥଙ୍କ ଠାରୁ ଆରମ୍ଭ କରି ବୁଦ୍ଧଦେବବସୁ, ନଜରୁଲ, ସୁନୀଲ ଗଙ୍ଗୋପାଧ୍ୟାୟ, ଶଙ୍କର ପ୍ରଭୃତି ମହାନଲେଖକଙ୍କ ଲେଖାକୁ ଅନୁବାଦ କରିଥିଲେ । ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ତାଙ୍କର ୩୫୦ ପୃଷ୍ଠା ସମ୍ବଳି 'ନିର୍ବାଚିତ ବଙ୍ଗଳାଗଳ୍ପ', କବିତା ସଂକଳନ 'ଭିନ୍ନ କିଛି କଥୋପକଥନ', ଆତ୍ମଜୀବନୀ 'ଗୋଟିଏ ଜୀବନ ଅନେକ ମୁହଁ' ପ୍ରକାଶ ପାଇ ବେଶ୍ ପାଠକୀୟ ଆଦୃତି ଘଟିଥିଲା । 'ଭାଗବତକଥା' ଭଳି ଏକ ଉପାଦେୟ ଗ୍ରନ୍ଥ କଟକର କାହାଣୀ ପ୍ରକାଶନରୁ ପ୍ରକାଶ ପାଇଥିଲା ବେଳେ ଏବେ ପ୍ରକାଶନ ଅପେକ୍ଷାରେ ରହିଛି 'ଚୌର ପଞ୍ଚଶିକା', 'ଜତୁଗୃହର ବନ୍ଦୀ' ଓ 'ପ୍ରାଚୀନ ସାହିତ୍ୟ' ନାମକ ତିନିଖଣ୍ଡି ପୁସ୍ତକ । ଫକୀରମୋହନ ସାହିତ୍ୟ ପରିଷଦର ଏକଦା ଉପସଭାପତି ରହିଥିଲାବେଳେ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନର ଉପଦେଷ୍ଟା, ରାଧାନାଥ ସାହିତ୍ୟ ପରିଷଦର ଉପଦେଷ୍ଟା ଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲାବେଳେ ନିଜ ହଷ୍ଟେଲର ମୁଖପତ୍ର 'ବାଣୀବୀଥିକା' ସେ ଥିଲେ ପ୍ରାଣପ୍ରତିଷ୍ଠାତା, ଯେତେବେଳେ କୁଳପତି ଥିଲେ ପ୍ରାଣକୃଷ୍ଣ ପରିଜା । ପ୍ରାଧ୍ୟାପକ ଚଣ୍ଡିଚରଣଙ୍କର ସାରାଜୀବନ ନିରବସାଧକ ଭାବେ ବହୁ କାବ୍ୟ-କବିତା, ଅନୁବାଦ, ଜୀବନୀ ଲେଖିଥିଲେ ବି ପ୍ରଚାର ପ୍ରସାର ବିମୁଖତା ତାଙ୍କୁ ପୁରସ୍କାର ସମ୍ମାନଠାରୁ ଦୂରେଇ ରଖିଥିଲା । ଜଣେ ନିରହଂକାରୀ, ମିଷ୍ଟଭାଷୀ, ପଣ୍ଡିତ ଜନଭାବେ ସବୁରିଥିଲେ ଶ୍ରଦ୍ଧାଶୀଳ । ତାଙ୍କର ଆକସ୍ମିକ ବିୟୋଗରେ ବାଲେଶ୍ୱର ସମେତ ସାରା ଓଡ଼ିଶାର ଅଧ୍ୟାପକ, ଛାତ୍ରଛାତ୍ରୀ ଓ ସାହିତ୍ୟିକ ମହଲରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ପୁସ୍ତକ ସମୂହର ପ୍ରକାଶକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା ଗଭୀର ଶୋକ ବ୍ୟକ୍ତ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ବାଲେଶ୍ୱର ପାଇଁ ଅପୂରଣୀୟ କ୍ଷତି ଘଟିଲା ବୋଲି କହିଛନ୍ତି । ଏକମାତ୍ର ପୁତ୍ର ଇଂ କୌଶିକୀ କଲ୍ୟାଣ କର ମୁଖାଗ୍ନି ଦେଇଥିବା ବେଳେ ଚାରିଝିଅ ଶିକ୍ଷୟିତ୍ରୀ ଅପର୍ଣ୍ଣା, ତ୍ରିପର୍ଣ୍ଣା, ଅଧ୍ୟାପିକା କମଳପୂର୍ଣ୍ଣା ଓ ଅଧ୍ୟାପିକା ଋତୁପର୍ଣ୍ଣା ସହ ସ୍ତ୍ରୀ ଜୟଶ୍ରୀକର ରହିଛନ୍ତି ।

## ଖାଉଟି ସାମଗ୍ରୀ ବଣ୍ଟନ ସ୍ଥିତିକୁ ନେଇ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା



ବାଲେଶ୍ୱର,୨୭/୦୫ (ନି.ପ୍ର): ବାଲେଶ୍ୱର ଜିଲାରେ କୋଭିଡ ଓ ବାତ୍ୟା ସମୟରେ ସୁଲଭ ଖାଉଟି ସାମଗ୍ରୀ ବିତରଣ ସ୍ଥିତିକୁ ନେଇ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମୀକ୍ଷା କରିଛନ୍ତି। ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ସଭାଗୃହରେ ଆୟୋଜିତ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜିଲାରେ କରୋନା କାଳରେ ସରକାରୀ ପ୍ରଦତ୍ତ ୨ମାସର ମାଗଣା ଚାଉଳ ଓ ଗହମ ରେସନ କାର୍ଡ଼ଧାରୀଙ୍କୁ ବଣ୍ଟନ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ତେବେ ଜିଲାର ୯୦ ପ୍ରତିଶତ ଲୋକଙ୍କୁ ଅଦ୍ୟାବଧି ଏହି ଚାଉଳ ଓ ଗହମ ଲୋକଙ୍କୁ ପ୍ରଦାନ କରାଯାଇଥିବା ଜାଣି ସେ ସନ୍ତୋଷ ପ୍ରକାଶ କରିଥିଲେ। ମିଳିଥିବା ଚାଉଳ ଏବେ ବାତ୍ୟା ବେଳରେ ହିତାଧିକାରୀଙ୍କ ପରିବାରର ଆବଶ୍ୟକତା ପୂରଣରେ ବେଶ ସହାୟକ ହୋଇପାରିବ ବୋଲି ମନ୍ତ୍ରୀର ଆଶା ପ୍ରକାଶ କରିଥିଲେ। ଏଥି ସହିତ ବାତ୍ୟାରେ ଘରଦ୍ୱାର ନଷ୍ଟ ହୋଇଯାଇଥିବା ଓ ଲୁଣାପାଣି ପଶି ଯାଇଥିବା ତଳିଆ ଅଞ୍ଚଳର ଲୋକଙ୍କୁ ୭ ଦିନର ରନ୍ଧାଖାଦ୍ୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ତୁରନ୍ତ କାର୍ଯ୍ୟକରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳରେ ରଖି ନିୟମିତ ସପ୍ତାହକ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ପ୍ରଦାନ ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ପ୍ରମୁଖ ଏଥିରେ ଯୋଗଦେଇ କୋଭିଡ ପରିଚାଳନା ଭଳି ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo